# ଆଜିଠୁ ମାଟ୍ରିକ୍ ପରୀକ୍ଷା
# ଛାତ୍ରୀଛାତ୍ରଙ୍କ ମନରେ ଉତ୍ସାହ




ଧୁଷୁରୀ,୨୦ା୨ (ଦୀପ୍ତି ରଞ୍ଜନ ନାୟକ)

ଚଳିତବର୍ଷର ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେଉଛି। ଏଥିପାଇଁ ଛାତ୍ରୀଛାତ୍ର ପ୍ରସ୍ତୁତ ହୋଇଥିବା ବେଳେ ସେମାନଙ୍କ ମନରେ ଉତ୍ସାହ ଭରି ରହିଛି। ଧୁଷୁରୀ ନୋଡାଲ ସେଣ୍ଟର ଅଧୀନରେ ୧୧ଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ବେଳେ ମୋଟ ୧୮୧୫ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ମୁରଲୀଧର ହାଇସ୍କୁଲ, ଧୁଷୁରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟ, ଅସୁରାଳି, ବନ୍ଧଟିଆ ଉତ୍କଳମଣି ନୋଡାଲ ଉଚ୍ଚ ବିଦ୍ୟାପୀଠ, ହସନାବାଦ, ମହତାବନଗର ବାପୁଜୀ ନୋଡାଲ ହାଇସ୍କୁଲ, ନଦୀଗାଁ, ଶହୀଦନଗର ନୋଡାଲ, ମଠଡିହ ନୋଡାଲ ଓ ଆରଡ଼ି ଆଖଣ୍ଡଳମଣି ନୋଡାଲ ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର କରାଯାଇଛି।

## ଏମାନେ କହନ୍ତି...



"ପରୀକ୍ଷା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଛନ୍ତି। ମନରେ କୌଣସି ଭୟ ନାହିଁ। ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ୍ କରିବାକୁ ଆଶାବାଦୀ ଅଛନ୍ତି।

–ସୁଶ୍ରୀ ଶୁଭଲକ୍ଷ୍ମୀ ନାୟକ, ପରୀକ୍ଷାର୍ଥୀ



"ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟରେ ମୋଟ ୧୩୯ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସମସ୍ତ ପରୀକ୍ଷାର୍ଥୀ କିପରି ସୁଚାରୁ ରୂପେ ନିର୍ଭୟରେ ପରୀକ୍ଷା ଦେବେ ସେଥିଲାଗି ଧ୍ୟାନ ଦେବେ।

–ବନିତା ପୃଷ୍ଟି, ପରୀକ୍ଷା କେନ୍ଦ୍ର ପରିଚାଳିକା



"ନୋଡାଲ ସେଣ୍ଟର ଅଧୀନରେ ଥିବା ୯ ପରୀକ୍ଷା କେନ୍ଦ୍ରର ପରୀକ୍ଷା ପରିଚାଳକଙ୍କୁ ଠିକ୍ ମାର୍ଗରେ ପରୀକ୍ଷା କରିବାକୁ ଅନୁରୋଧ କରାଯାଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷା ଭଲରେ ସମ୍ପନ୍ନ ହେବ ବୋଲି ଆଶା।

– ଅକ୍ଷୟ କୁମାର ହୋତା, ନୋଡାଲ ଅଫିସର

# କାର୍ଯ୍ୟରେ ଯୋଗଦେଲେ ନୂତନ ଏସ୍‌ଡିପିଓ

ବାସୁଦେବପୁର,୨୦ା୨(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ସଦର ଏସ୍‌ଡିପିଓ ଭାବେ ବିଚିତ୍ରାନନ୍ଦ ସେଠୀ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଗତ କିଛି ମାସ ଧରି ସଦର ଏସ୍‌ଡିପିଓ ପଦବୀ ଖାଲି ପଡ଼ିଥିଲା। ମଙ୍ଗଳବାର ସନ୍ଧ୍ୟାରେ ନୂତନ ଏସ୍‌ଡିପିଓ ବାସୁଦେବପୁର ଥାନା ପରିସରରେ ଥିବା କାର୍ଯ୍ୟାଳୟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବରୁ ସେ ଭବାନୀପାଟଣାରେ ଡିଏସ୍‌ପି ଭାବେ କାର୍ଯ୍ୟରତ ଥିଲେ। ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ, ନାୟକାଣିଡିହୀ ଥାନା ଆଇଆଇସି ସଲଖାନ ମୁର୍ମୁ, ଚୁଡ଼ାମଣି ସାମୁଦ୍ରିକ ଥାନା ଆଇଆଇସି ବନାନୀ ବେହେରା, କଷିଆ ସାମୁଦ୍ରିକ ଥାନା ଆଇଆଇସି ସାବିତ୍ରୀ ପଣ୍ଡା ପ୍ରମୁଖ ନୂତନ ଏସ୍‌ଡିପିଓଙ୍କୁ ଭେଟି ସ୍ୱାଗତ କରିଥିଲେ। ସେହିପରି ବିଭିନ୍ନ ବର୍ଗର ଲୋକ ତାଙ୍କୁ ଶୁଭେଚ୍ଛା ଓ ସ୍ୱାଗତ ଜଣାଇଛନ୍ତି।

# ବ୍ଲକ୍‌ରେ ୨୭୫୩ ମାଟ୍ରିକ୍ ପରୀକ୍ଷାର୍ଥୀ

ତିହିଡ଼ି,୨୦ା୨ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ୍ ଅଧୀନ ବିଭିନ୍ନ ହାଇସ୍କୁଲର ମୋଟ ୨୭୫୩ ପରୀକ୍ଷାର୍ଥୀ ୧୪ଟି କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ଦେବେ। ସିଆର୍‌ଏସ୍ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୧୬, ବାସନ୍ତୀ ହାଇସ୍କୁଲରେ ୧୬୫, ବୈଷ୍ଣବାନନ୍ଦ ବିଦ୍ୟାପୀଠରେ ୨୦୬, ସାମନ୍ତରାୟ ହାଇସ୍କୁଲରେ ୨୮୦, ବିପିଏସ୍, ସୟା ହାଇସ୍କୁଲରେ ୨୪୫, କୋହ୍ଲ କଇସ୍କୁଲରେ ୨୦୮, ଗୁଆମାଳ ବୀଣାପାଣି ହାଇସ୍କୁଲରେ ୧୩୧, ବାଞ୍ଛାନିଧି ହାଇସ୍କୁଲରେ ୨୯୫ ଓ ପାଳିଆବିନ୍ଧା ରାମାନୁଜ ବିଦ୍ୟାପୀଠରେ ୧୫୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେହିପରି ଦୋଳସାହି ରାମନାରାୟଣ ହାଇସ୍କୁଲରେ ୨୦୨, ତିହିଡ଼ି ସରକାରୀ ହାଇସ୍କୁଲରେ ୧୭୪, କାଁପଡ଼ା ବାସୁଳି ହାଇସ୍କୁଲରେ ୧୮୫, ପୀରହାଟ ଶାନ୍ତି ଶୈଳେନ୍ଦ୍ର ହାଇସ୍କୁଲରେ ୧୬୬, ସାମନ୍ତରାୟପୁର ହାଇସ୍କୁଲରେ ୨୮୦ ଏବଂ ବୋଡ଼କ ନାୟକଣୀ ହାଇସ୍କୁଲରେ ୧୩୦ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ତିହିଡ଼ିସ୍ଥିତ ସିଆର୍‌ଏସ୍ ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଛି। ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ନେବା ପାଇଁ ୩ଟି ଟିମ୍ ଗଠନ କରାଯାଇଥିବା ନୋଡାଲ ଇନ୍‌ଚାର୍ଜ ସମରେନ୍ଦ୍ର ନାଥ ମିଶ୍ର କହିଛନ୍ତି।

# ମାର୍ଚ୍ଚ ୨୭ ଯାଏ ଜିଲାରେ ପ୍ରଦର୍ଶନ ହେବନି ଯାତ୍ରା

ଭଦ୍ରକ,୨୦ା୨(ରବିନାରାୟଣ ଖିଲାର)

ମାଟ୍ରିକ୍ ଓ ଯୁକ୍ତ ୨ ପରୀକ୍ଷାକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଜିଲାରେ ଅପେରା ଶୋ ପ୍ରଦର୍ଶନ ଉପରେ ସାମୟିକ ରୋକ୍ ଲଗାଯାଇଛି। ଜିଲାପାଳ ଦିଲୀପ ରାଉତରାଏଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଗତ ୧୮ ତାରିଖରୁ ଆସନ୍ତା ମାର୍ଚ୍ଚ ୨୭ ଯାଏ ଜିଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କୌଣସି ଅପେରା ବା ଯାତ୍ରା ପ୍ରଦର୍ଶନ ପାଇଁ ଅନୁମତି ଦିଆଯିବ ନାହିଁ। ଏଥିରେ ବ୍ୟତିକ୍ରମ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡେପୁଟି କଲେକ୍ଟର(ଜୁଡିସିଆଲ) କାର୍ତ୍ତିକ ନାଥ ମଣ୍ଡଳ କହିଛନ୍ତି। ଅନ୍ୟପକ୍ଷେ ପ୍ରଶାସନର ଏଭଳି କଟକଣାକୁ ନେଇ ବିଭିନ୍ନ ପୂଜା କମିଟି ଚିନ୍ତାରେ ପଡ଼ିଛନ୍ତି। ଦଳ ଦଳ ହୋଇ ସେମାନେ ଜିଲାପାଳଙ୍କୁ ଭେଟି ଯାତ୍ରା ଶୋ ପାଇଁ ସେମାନେ ପୂର୍ବରୁ ଆଡାଭାନ୍ସ ଦେଇଥିବାରୁ ଏ ଦିଗରେ କିଛିଟା କୋହଳ କରିବାକୁ ନିବେଦନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଥିବାରୁ ଏଭଳି ପରିସ୍ଥିତିରେ ସାମୟିକ ଭାବେ ଯାତ୍ରା ଶୋ' ପ୍ରଦର୍ଶନ ବନ୍ଦ କରିବାକୁ ଜିଲାପାଳ ସମସ୍ତଙ୍କୁ ନିବେଦନ କରିଛନ୍ତି।

# ବକେୟା ପ୍ରାପ୍ୟ ଦାବିରେ ଧାରଣା

ବାସୁଦେବପୁର,୨୦ା୨(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଅଧୀନ ଗୁଆଗଡ଼ିଆ ପଞ୍ଚାୟତ ଚିରୋଳ ଗ୍ରାମର ହରେକୃଷ୍ଣ ଅଗସ୍ତି ନାମକ ଯୁବକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବକେୟା ପ୍ରାପ୍ୟ ଦାବିରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଫିସ ଗୃହ ଆଗରେ ଗୁରୁବାର ଅପରାହ୍ନ ୩ଟାଠାରୁ ଧାରଣାରେ ବସିଥିଲେ। ୨୦୨୨-୨୩ ଆର୍ଥିକ ବର୍ଷରେ ସେ ପାଇଥିବା ପ୍ରଧାନମନ୍ତ୍ରୀ ଆବାସ ଗୃହ ସମ୍ପୂର୍ଣ୍ଣ କରିଥିଲେ ମଧ୍ୟ ବକେୟା ଟଙ୍କା ଅଦ୍ୟାବଧି ତାଙ୍କୁ ମିଳିନାହିଁ। ଏହି ଟଙ୍କା ପାଇବା ନିମନ୍ତେ ପଞ୍ଚାୟତରେ କାର୍ଯ୍ୟରତ କେତେଜଣ କର୍ମଚାରୀ ଓ ପଞ୍ଚାୟତ ପ୍ରତିନିଧିଙ୍କୁ ଲାଞ୍ଚ ଦେଇଥିଲେ ମଧ୍ୟ ତାଙ୍କୁ ବକେୟା ଟଙ୍କା ମିଳିନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ବକେୟା ପ୍ରାପ୍ୟ ବାବଦକୁ ୧୧,୩୧୮ ଟଙ୍କା ଓ ବୋନସ ବାବଦକୁ ୨୦ ହଜାର ଟଙ୍କା ଦାବିରେ ସେ ଧାରଣା ଦେଇଥିଲେ। ଏ ସମ୍ପର୍କରେ ବିଡିଓ ତନ୍ମିତା କରଙ୍କୁ ପଚାରିବାରୁ ଉକ୍ତ ବ୍ୟକ୍ତିଙ୍କ ବକେୟା ପ୍ରାପ୍ୟ କେମିତି ଖୁବ୍‌ଶୀଘ୍ର ମିଳିପାରିବ, ସେ ଦିଗରେ ଦୃଷ୍ଟି ଦେବେ ବୋଲି କହିବା ସହ ତାଙ୍କୁ ବୁଝାଶୁଝା କରିଥିବା କହିଛନ୍ତି।

# ନୟନଯୋରିରୁ ଅବରୋଧ ହଟାଇଲା ପ୍ରଶାସନ



ଜେସିବି ଓ ଟ୍ରାକ୍ଟର ଦ୍ୱାରା ନୟନଯୋରିରୁ ମାଟି ଉଠାଯାଉଛି।

ଭଦ୍ରକ,୨୦ା୨(ସନାତନ ରାଉତ)

ଭଦ୍ରକ ୧୬ ନଂ. ଜାତୀୟ ରାଜପଥର ମୋଟେଲ ଛକଠାରୁ ଡାହାଣୀଗଡ଼ିଆ ଛକ ପର୍ଯ୍ୟନ୍ତ ରାସ୍ତାକଡ଼ରେ ଥିବା ନୟନଯୋରିକୁ ମାଟି ପକାଇ ଅବରୋଧ କରାଯାଇଥିଲା। ତହସିଲ ପ୍ରଶାସନ ପକ୍ଷରୁ ଗୁରୁବାର ମଧ୍ୟାହ୍ନରେ ନୟନଯୋରିରୁ ଅବରୋଧ ହଟାଯାଇଛି। ପକାଯାଇଥିବା ମାଟିକୁ ଉଠାଇ ନିଆଯାଇଛି।

ନୟନଯୋରିରେ ମାଟି ପକାଇ ଅବରୋଧ କରିବା କାରଣରୁ ଭଦ୍ରକ ସହରରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଯାହାର ଉଦାହରଣ ଗତ ବାତ୍ୟା 'ଦାନା' ସମୟରେ ଦେଖିବାକୁ ମିଳିଥିଲା। ଏବେ ନୟନଯୋରି ମାଟି ପକାଇ ଅବରୋଧ କରାଯାଇଥିବା ଡ୍ରେନେଜ ବିଭାଗ ପକ୍ଷରୁ ଖବର ପାଇବା ପରେ ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ବୁଧବାର କ୍ଷେତ୍ର ପରିଦର୍ଶନ କରିଥିଲେ। ଗୁରୁବାର ଜେସିବି, ଟ୍ରାକ୍ଟର ଲଗାଇ ପଡ଼ିଥିବା ମାଟି ଉଠାଇ ନେଇ ସହରର ବିଭିନ୍ନ ସରକାରୀ ସ୍ଥାନରେ ପକାଯାଇଛି। ଏନେଇ ତହସିଲଦାର ଖୁଣ୍ଟିଆ କହିଛନ୍ତି, ଗତ ୨ ଦିନ ଭିତରେ ବହୁତ ମାଟି ପକାଯାଇଛି। କିଏ ମାଟି ପକାଇଛନ୍ତି ଜଣାପଡ଼ି ନାହିଁ। ପକାଯାଇଥିବା ମାଟିର କେହି ଦାବିଦାର ନ ଥିବାରୁ ମାଟିକୁ ଉଠାଇ ନିଆଯାଇଛି। ପରବର୍ତ୍ତୀ ସମୟରେ ଯିଏ ନିଜର ମାଟି ବୋଲି ଦାବି କରିବେ, ତାଙ୍କଠାରୁ ଜରିମାନା ଆଦାୟ ହେବ। ମାଟି ଉଠାଇ ଜଳ ନିଷ୍କାସନ ପାଇଁ ନୟନଯୋରିକୁ ପରିଷ୍କାର କରାଯାଇଛି।

# ଶିକ୍ଷାବିତ୍‌ଙ୍କୁ ଶ୍ରଦ୍ଧାଞ୍ଜଳି



ସଭାରେ ଅତିଥିମାନେ ଦିବଂଗତ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

ତିହିଡ଼ି,୨୦ା୨(ସଞ୍ଜିତ ବଳ)

ତିହିଡ଼ି ବ୍ଲକର ଦୌଲତପୁର ପଞ୍ଚାୟତ ଅଧୀନ ମାଲପୁର ଗ୍ରାମର ଦିବଂଗତ ଶିକ୍ଷାବିତ୍ କୃତ୍ତିବାସ ମହାନ୍ତିଙ୍କ ୧୦ମ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ଗୁରୁବାର ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ହୋଇଯାଇଛି। ମାଲପୁରଠାରେ କବି ସୁଧାରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ସଂଗ୍ରାମ ମହାନ୍ତି ଯୋଗଦେଇ ବାପା ଶିକ୍ଷକ ଓ ପିଲାମାନେ ଛାତ୍ରୀଛାତ୍ର ବୋଲି କହିଥିଲେ। ମୁଖ୍ୟବକ୍ତା ବରିଷ୍ଠ ସାହିତ୍ୟିକ ରବୀନ୍ଦ୍ର ବେହୁରିଆ ଓ ଅନ୍ୟତମ ଅତିଥି ଭାବେ ଅଧ୍ୟାପିକା ସଂଯୁକ୍ତା ଭାରତୀ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ତ୍ୟାଗପୂତ ଜୀବନ ଉପରେ ଆଲୋକପାତ କରିଥିଲେ। କବି ଅରୂପାନନ୍ଦ ପାଣିଗ୍ରାହୀ, ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ରାମନାରାୟଣ ନାୟକ, ଆଶୁତୋଷ କରଣ, ବିଶ୍ୱମୈତ୍ରୀ ନାୟକ, ମୌସୁମୀ ଗୋଛାୟତ, ସୁଧାକର ଧନୀ, ଭାଗବତ ସେନାପତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। କବି ବାଦଲ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ପଦ୍ମପୁର-ବିରସ ରାସ୍ତାରେ ଖାଲଖମା ଭର୍ତ୍ତି



ପାଇକସାହିଠାରେ ରାସ୍ତାରେ ଖାଲ ସୃଷ୍ଟି ହୋଇଛି।

ସାବରଙ୍ଗ,୨୦ା୨(କାଳିପଦ ରାୟ)

ବାସୁଦେବପୁର ବ୍ଲକର ପଦ୍ମପୁର-ବିରସ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତାର ମିଶ୍ରପୁର, ହତାଶିଆ, ପାଇକସାହି, ବାଲିମେଦ, ରାଜଘରପୋଖରୀ ଛକ ଆଦି ବିଭିନ୍ନ ସ୍ଥାନରେ ଖାଲଖମା ଭର୍ତ୍ତି ହୋଇଛି। ଏହାବ୍ୟତୀତ ମେଗା ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଖୋଳାଯାଇ ପକାଇ ଦିଆଯାଇଛି। ୩ ମାସ ଧରି ମରାମତି ହେଉ ନ ଥିବାରୁ ପଥଚାରୀ ଓ ଯାତ୍ରୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି।

ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ୧୮ କି.ମି. ରାସ୍ତା ଉପରେ ପ୍ରତ୍ୟେହ ଲକ୍ଷାଧିକ ଲୋକ ଭଦ୍ରକରୁ ଧାମରା ଯାତାୟାତ ପାଇଁ ନିର୍ଭର କରନ୍ତି। ଜିଲାର ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିବା ବେଳେ ଏହି ରାସ୍ତା ମରାମତିରେ ବିଳମ୍ବ ହେଉଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ରାସ୍ତା ମରାମତି କରା ନ ଗଲେ ଜଗନ୍ନାଥପ୍ରସାଦ, ବାଲିମେଦ, ପଦ୍ମପୁର, ରାଜଘରପୋଖରୀ, ବିରସ, ନାୟକାଣିଡିହୀ ଆଦି ଗ୍ରାମର ଜନସାଧାରଣ ଆନ୍ଦୋଳନ କରିବେ ବୋଲି ପଦ୍ମପୁର ସରପଞ୍ଚ ରାଜେନ୍ଦ୍ର ନାୟକ, ଜଗନ୍ନାଥପ୍ରସାଦ ସରପଞ୍ଚ ବାସୁଦେବ କାଣ୍ଡି, ରାଜଘରପୋଖରୀ ସରପଞ୍ଚ ଅରୁଣ କୁମାର ମହାନ୍ତି, ବିରସ ସରପଞ୍ଚ ରୁଚିସ୍ମିତା ବାରିକ୍, ସମିତିସଭ୍ୟ ରମେଶ ଚନ୍ଦ୍ର ବଳ, ସାମାଜିକ କର୍ମୀ ରଶ୍ମିରଞ୍ଜନ ମହାନ୍ତି, ଉତ୍ତମ କୁମାର ପାତ୍ର, ଆଦିତ୍ୟ ମହାପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି। ରାସ୍ତା ମରାମତି ପାଇଁ ଆବଶ୍ୟକ ପାଣ୍ଠି ନ ଥିବାରୁ ମରାମତି ହୋଇପାରୁ ନାହିଁ ବୋଲି ଉପଖଣ୍ଡ ଅଧିକାରୀ ଉମ୍ବରୁଧର ମଣ୍ଡଳ କହିଛନ୍ତି।

# ସମିତି ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ

ଧାମନଗର,୨୦ା୨(ସନ୍ତୋଷ କୁମାର ମହାପାତ୍ର)

**ଧାନ ବୋଝେଇ ଟ୍ରକ୍ ଜବତ ଘଟଣା**

■ ୩ ଦିନ ଭିତରେ ଜବାବ ରଖିବାକୁ ନିର୍ଦ୍ଦେଶ

ଭଦ୍ରକ ଜିଲା ଧାମନଗର ବ୍ଲକ ଚୁଡ଼ାକୁଟି ଅଞ୍ଚଳରୁ ୨ଦିନ ତଳେ ଏକ ବେସରକାରୀ ଜାଗାରୁ ଏକ ଧାନ ବୋଝେଇ ଟ୍ରକ୍ ଜବତ ଘଟଣାରେ ଚୁଡ଼ାକୁଟି ସମିତି ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏହି ଘଟଣାର ତଦନ୍ତ ପରେ ଯୋଗାଣ ଅଧିକାରୀ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଉକ୍ତ ରିପୋର୍ଟକୁ ଭିତ୍ତିକରି ଜିଲାପାଳଙ୍କ ଚିଠି ନଂ.୧୧୬୭/୧୮।୨।୨୫ ଅନୁଯାୟୀ ଚୁଡ଼ାକୁଟି ପାକ୍ସର ଧାନ ମଣ୍ଡି ଅଧିକାରୀ ଅରୁଣ ଉଦୟ ପାତ୍ରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଶରତ ବେହେରା କହିଛନ୍ତି। ଏହାସହ ବାଲେଶ୍ୱର ଡିଆର୍‌ସିଏସ୍, ଭଦ୍ରକ ସିଏସ୍‌ଓ, ଓଏସ୍‌ସିଏସ୍‌ସି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସ୍ୱତନ୍ତ୍ର ଶାସନ ସଚିବଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ଅବଗତ କରାଯାଇଛି।

ପ୍ରକାଶ ଯେ, ୧୯ ତାରିଖରୁ ସମ୍ଭାବ୍ୟ ବର୍ଷାକୁ ଲକ୍ଷ୍ୟରେ ରଖି ମଣ୍ଡିରେ କିଣା ହୋଇ ପଡ଼ିଥିବା ଧାନକୁ ମିଲରଙ୍କୁ ଦେବା ଏବଂ ଆଗାମୀ ୩ରୁ ୪ ଦିନ ଧାନକିଣା ବନ୍ଦ ରଖିବାକୁ ଜିଲାପାଳ ଦିଲୀପ ରାଉତରାଏ ଗତ ୧୫ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମଣ୍ଡିରୁ ଧାନ ନ ଉଠାଇ ସମ୍ପାଦକ ପାତ୍ର ବେସରକାରୀ ଜାଗାରୁ ଏକ ୧୪ ଚକିଆ ଟ୍ରକ୍‌ରେ ଧାନ ଲୋଡ୍ କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଜିଲା ଯୋଗାଣ ବିଭାଗ ଅଧିକାରୀ ଦଇପୁର ନାରାୟଣପୁର ରାସ୍ତାପାର୍ଶ୍ୱରେ ଟ୍ରକ୍‌ରେ ଧାନବସ୍ତା ଲୋଡ୍ ହେଉଥିବା ବେଳେ ଗାଡ଼ିକୁ ଅଟକାଇଥିଲେ। ସମ୍ପାଦକ ପାତ୍ର ମଣ୍ଡିରୁ ଧାନ ନ ଉଠାଇ କେଉଁ ସ୍ୱାର୍ଥରେ ଜଣେ ବ୍ୟକ୍ତିଙ୍କ ଘର ପାଖରୁ ପ୍ରାୟ ୬ ଶହ ବସ୍ତା ଧାନ ଟ୍ରକ୍‌ରେ ଲୋଡ୍ କରିଥିଲେ ତାହା ତଦନ୍ତସାପେକ୍ଷ ବୋଲି ସାଧାରଣରେ ଦାବି ହେଉଛି।

# ଗ୍ୟାସ୍ ଟାଙ୍କି ଫାଟି ଘର ଜଳିଗଲା, ୨ ଆହତ

ଧୁଷୁରୀ,୨୦ା୨(ଦୀପ୍ତି ରଞ୍ଜନ ନାୟକ)

ଧୁଷୁରୀ ଥାନା ଅଧୀନ ଗଡ଼ିଆଳି ପଞ୍ଚାୟତ ଉଚ୍ଚପଦା ଗ୍ରାମର ବୃନ୍ଦାବନ ସାହୁ(୬୨)ଙ୍କ ଘରେ ବୁଧବାର ସନ୍ଧ୍ୟାରେ ଗ୍ୟାସ୍ ଟାଙ୍କି ଫାଟି ନିଆଁ ଲାଗି ୨ ବଖରା ଘର ଜଳିଯାଇଛି। ଏଥିସହ ୨ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବୃନ୍ଦାବନଙ୍କ ସ୍ତ୍ରୀ ବାସନ୍ତୀ ସାହୁ(୫୮) ସନ୍ଧ୍ୟା ୭ଟା ବେଳେ ଗ୍ୟାସ୍‌ରେ ରୋଷେଇ କରୁଥିବା ବେଳେ ବିସ୍ଫୋରଣ ଘଟି ନିଆଁ ଲାଗିଯାଇଥିଲା। ନିଆଁ ଲାଗି ଏହି ଦମ୍ପତି ଆହତ ହୋଇ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଧାମନଗର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିବିପନ୍ନକୁ ଘରପୋଡ଼ି ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବ୍ୟବସାୟୀଙ୍କ ପରଲୋକ

ଧାମନଗର, ୨୦ା୨(ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ରାମଚନ୍ଦ୍ର ସାହୁ(୭୦)ଙ୍କ କଲ୍ୟାଣୀ ପଞ୍ଚାୟତର ବନସରସ୍ଥିତ ବାସଭବନରେ ବୁଧବାର ଅପରାହ୍ନ ୫ଟାରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସାନଭାଇ, ସାନପୁଅ, ମଝିଆ ପୁଅ, ବୋହୂ, ଦୁଇଝିଅଙ୍କ ସମେତ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ। ରାମଚନ୍ଦ୍ର ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ସେ ଦୀର୍ଘ ୩୦ବର୍ଷ ଧରି ଝାଟିଆସାହି ବଜାରଠାରେ ବ୍ୟବସାୟ କରିଆସୁଥିଲେ। ଜଣେ ସଫଳ ବ୍ୟବସାୟୀ ଭାବେ ସେ ପରିଚିତ ଥିଲେ।

# ସାତଭଉଣୀ ମନ୍ଦିରରୁ ପୁଣି ଚୋରି

ଭଦ୍ରକ,୨୦ା୨(ସନାତନ ରାଉତ)

ଭଦ୍ରକରେ ଲୁଟେରାମାନେ ମନ୍ଦିରକୁ ଟାର୍ଗେଟ୍ କରିଥିବା ବେଳେ ଗତ ୩ ଦିନ ମଧ୍ୟରେ ଗ୍ରାମାଞ୍ଚଳ ଥାନା ଅଧୀନ ସାତଭଉଣୀ ମନ୍ଦିରରୁ ୨ ଥର ଚୋରି ହୋଇଛି। ଗତ ସୋମବାର ରାତିରେ ତାଲା ଭାଙ୍ଗି ମା'ଙ୍କ ରୁପା ମୁକୁଟ, ଅଳଙ୍କାର, ପିତ୍ତଳ ଥାଳି, ଗିନା ଆଦି ପୂଜା ସାମଗ୍ରୀ ଓ ଦାନବାକ୍ସ ଚୋରି ହୋଇଥବା ନେଇ ମନ୍ଦିର କମିଟି ଉପସଭାପତି ସୁଶାନ୍ତ ରାଉତ ମଙ୍ଗଳବାର ଅଭିଯୋଗ କରିଥିଲେ। ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଥିଲେ। ବୁଧବାର ସନ୍ଦେହରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ପୋଲିସ ଥାନାକୁ ନେଇ ପଚରାଉଚରା କରୁଥିବା ବେଳେ ରାତିରେ ସେହି ମନ୍ଦିରରୁ ପୁଣିଥରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଚୋରି କରିଛନ୍ତି। ମନ୍ଦିରରେ ଲାଗିଥିବା ସିସିକ୍ୟାମେରାର ହାର୍ଡଡିସ୍କ, ମାଇକ୍ ସେଟ୍ ଓ ଇନ୍‌ଭର୍ଟର ବ୍ୟାଟେରି ଚୋରି ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୭୪/୨୫) ରୁଜୁ କରାଯାଇଛି। ଅଟକ ଥିବା ଯୁବକଙ୍କୁ ପଚରାଉଚରା କରି ଛାଡ଼ି ଦିଆଯାଇଥିବା ବେଳେ ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ଦୟାନିଧି ଦାସ କହିଛନ୍ତି।

# କାଦୁଅ ପଚପଚ ଜାତୀୟ ରାଜପଥ



ବର୍ଷା ପରେ ଚରମ୍ପାଠାରେ ଜାତୀୟ ରାଜପଥରେ କାଦୁଅ।

**ଦୁର୍ଘଟଣାର ଶିକାର ହେଲେ ଯାତ୍ରୀ**

ଭଦ୍ରକ,୨୦ା୨(ସନାତନ ରାଉତ)

୧୬ ନଂ. ଜାତୀୟ ରାଜପଥର ଚରମ୍ପାଠାରେ ରାସ୍ତା କାଦୁଅ ପଚପଚ ହୋଇଛି। ରାଜପଥରେ ଯାତାୟାତ କରୁଥିବା ଯାତ୍ରୀମାନଙ୍କ ପାଇଁ ଏହା ମରଣଯନ୍ତା ପାଲଟିଛି। ଜାତୀୟ ରାଜପଥରେ ଟ୍ରାକ୍ଟର ଦ୍ୱାରା ବେଆଇନ ମାଟି ଚାଲାଣ ହେଉଥିବା ବେଳେ ରାସ୍ତା ଉପରେ ବହୁ ପରିମାଣର ମାଟି ଗଦା ହେଉଥିଲା। ବୁଧବାର ସନ୍ଧ୍ୟାରେ ବର୍ଷା ହେବା ପରେ ପଡ଼ିଥିବା ମାଟି ଭିଜିଯାଇ ରାସ୍ତା ସାରା କାଦୁଅମୟ ହୋଇଥିଲା। ଏହି କାଦୁଅ ପଚପଚ ରାସ୍ତାରେ ଯାଉଥିବା ବାଇକ୍, ସ୍କୁଟି ଆଦି ଦୁଇଚକିଆ ଓ ଚାରିଚକିଆ ଯାନ ବିପଦସଙ୍କୁଳ ଭାବେ ଯାତ୍ରା କରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ଜଣେ ସ୍କୁଟି ଆରୋହୀ ଓ ଅନ୍ୟ ଜଣେ ବାଇକ୍ ଆରୋହୀ ଉକ୍ତ ସ୍ଥାନରେ କାଦୁଅରେ ଚକା ଖସିଯିବାରୁ ଗାଡ଼ିରୁ ପଡ଼ି ଦୁର୍ଘଟଣାର ଶିକାର ହୋଇଛନ୍ତି। ତେବେ କିଏ ଟ୍ରାକ୍ଟରରେ ମାଟି ଚାଲାଣ କରୁଛନ୍ତି, ସେନେଇ ଜିଲା ପ୍ରଶାସନ କିମ୍ବା ତହସିଲ ପ୍ରଶାସନ ପାଖରେ କୌଣସି ଖବର ନ ଥିବା ଜଣାପଡ଼ିଛି। ଏନେଇ ତଦନ୍ତ ଚାଲିଥିବା ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ କହିଛନ୍ତି।

# ମୂଳଗାଁରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା



ନଳାଙ୍ଗ,୨୦ା୨(ସାଇଶଙ୍କର ମହାକୁଳ)

ଭଦ୍ରକ ବ୍ଲକର ମୂଳଗାଁସ୍ଥିତ ପତିତପାବନ ମଠ ପରିସରରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ (ଚତୁର୍ଦ୍ଧାମୂର୍ତ୍ତି)ଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୁଧବାରଠାରୁ ଆରମ୍ଭ ହୋଇଛି। ୩ଦିନ ବ୍ୟାପୀ ଏହି ଉତ୍ସବ ହେଉଥିବା ବେଳେ ଶତାଧିକ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ମଠ ପରିସରରୁ ବାହାରି କପାଳି ନଦୀରୁ ଘଟୋତ୍ତଳନ କରାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ବ୍ରାହ୍ମଣ ଓ ପଣ୍ଡିତମାନଙ୍କ ଦ୍ୱାରା ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୁରାତନ ମୂର୍ତ୍ତି ଯଥାବିଧି ଅନୁସାରେ ବିସର୍ଜନ ଦେବା ସହ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ଶୁକ୍ରବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଯୌବନ ବେଶ ଦର୍ଶନ ସହ ମହାଯଜ୍ଞର ପୂର୍ଣ୍ଣାହୁତି ହେବ। ମଠର ପୂଜକ ଟାଙ୍ଗୁ ବାବାଙ୍କ ସହ ଗ୍ରାମବାସୀ ପରିଚାଳନା କରୁଛନ୍ତି।

# ଚୋରା କୋଇଲା ଗାଡ଼ିକୁ ଗୋଡ଼ାଇ ଧରିଲା ପୋଲିସ

ସାବରଙ୍ଗ,୨୦ା୨(କାଳିପଦ ରାୟ)

ଭଦ୍ରକ ସଦର ବ୍ଲକ ଗୁଜିଦରଡ଼ା ଫାଣ୍ଡି ପୋଲିସ ବୁଧବାର ବିଳମ୍ବିତ ରାତିରେ ଏକ ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଗୋଡ଼ାଇ ଧରିଛି। କୋଇଲା ବୋଝେଇ ଗାଡ଼ିଟି ଯାଉଥିବା ବେଳେ ଫାଣ୍ଡି ଅଧିକାରୀ ବୁଦ୍ଧିରାମ ମହାନ୍ତି ଓ ଅନ୍ୟ କର୍ମଚାରୀମାନେ ପିଛା କରି ଅର୍ଣ୍ଣପାଳ-ମୁକୁନ୍ଦପୁର ରାସ୍ତାରୁ ଧରିଥିଲେ। ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଗାଡ଼ିକୁ ପୋଲିସ ଜବତ କରି ଥାନାକୁ ନେଇଛି। ଗାଡ଼ିରେ ପ୍ରାୟ ୧ ଟନ୍ କୋଇଲା ଥିବା ଫାଣ୍ଡି ଅଧିକାରୀ ମହାନ୍ତି କହିଛନ୍ତି।

**ସଂକ୍ଷେପରେ**

## ସୋଲାର ବ୍ୟାଟେରିରେ ଶର୍ଟସର୍କିଟ୍‌ରୁ ନିଆଁ



ସୋଲାର ବ୍ୟାଟେରିରେ ଶର୍ଟସର୍କିଟ୍।

**ନୀଳଗିରି, ୨୦।୨(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ପରିସରରେ ଲାଗିଥିବା ସୋଲାର ବ୍ୟାଟେରୀରେ ସର୍ଟସର୍କିଟ ହେବାରୁ କେବୁଲ ତାରରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବାହିନୀ ଆସି ନିଆଁକୁ ଆୟତ୍ତ କରିବା ସହ ବଡ଼ଧରଣର ବିପଦରୁ ମୁକୁଳାଇଛି। ଗୁରୁବାର ପୂର୍ବାହ୍ନ ୧୧ଟାରେ ନୀଳଗିରି ବ୍ଲକ ପରିସରରେ ଲାଗିଥିବା ୧୫କେଭିର ସୋଲାର ବ୍ୟାଟେରୀରେ ସର୍ଟସର୍କିଟ୍ ହୋଇଥିଲା। ସର୍ଟସର୍କିଟ୍ ହେବାରୁ କେବୁଲ ତାରରେ ନିଆଁ ଲାଗିଯାଇଥିଲା। ଏହାଦେଖି ଉପସ୍ଥିତ ଥିବା ଲୋକେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ନୀଳଗିରି ଅଗ୍ନିଶମ ବାହିନୀ ଆସି ନିଆଁକୁ ଆୟତ୍ତ କରି ସହ ବଡ଼ଧରଣର ବିପଦରୁ ମୁକୁଳାଇଥିଲା। ନିଆଁ ଲାଗିବାର କାରଣରୁ କର୍ମଚାରୀ ଓ ହିତାଧିକାରୀମାନେ ଆସି ବାହାରେ ଅନେକ ସମୟ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା।

## ପାଣିରେ ବୁଡ଼ି ଜଣେ ମୃତ

**ବାହାନଗା, ୨୦।୨(ଅରୂପ୍ କୁମାର ଦାସ)**

ବାହାନଗା ବ୍ଲକ ବରିପଦା ପଞ୍ଚାୟତ ତଳକରଞ୍ଜାବିନ୍ଧା ଗ୍ରାମର ଧୂଳେଶ୍ୱର ବେହେରା(୬୪) ନାମକ ବ୍ୟକ୍ତି ପାଣିରେ ବୁଡି ପ୍ରାଣ ହରାଇଛନ୍ତି। ଏନେଇ ଗୋପାଳପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଛି। ଧୂଳେଶ୍ୱର ଗତ ବୁଧବାର ସକାଳେ ଘର ପାଖରେ ଥିବା ବାଡିକୁ ଯାଇଥିଲେ। ସେଠାରେ ଥିବା ଏକ ପୋଖରୀକୁ ଶୌଚ କରିବାକୁ ଯାଇଥିବା ବେଳେ ପୋଖରୀ ଭିତରକୁ ତାଙ୍କ ଗୋଡ ଖସିଯାଇଥିଲା। ପୋଖରୀକୁ ଯାଉଥିବା ବେଳେ କିଛି ଦୂରରେ ଥିବା ଜଣେ ଝିଅ ତାଙ୍କୁ ଦେଖିଥିଲେ। ଧୂଳେଶ୍ୱର ଘରକୁ ଯିବାର ଡେରି ହେବାରୁ ପରିବାର ଲୋକମାନେ ଖୋଜାଖୋଜି କରିଥିଲେ। ଝିଅ ପାଖରୁ ଖବରପାଇ ପାଣି ଭିତରୁ ଖୋଜି ଧୂଳେଶ୍ୱରଙ୍କୁ ପାଣିରୁ ଉଦ୍ଧାର କରି ପ୍ରଥମେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଯାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ରେମୁଣା ଚିକିତ୍ସାକେନ୍ଦ୍ର ଓ ପରେ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଧୂଳେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ତେବେ ମୁଖ୍ୟ ଚିକିତ୍ସାଳୟରେ ଭେଣ୍ଟିଲେଟର ନ ଥିବାରୁ ତାର ମୃତ୍ୟୁ ହୋଇଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ରାତିରେ ମୃତ୍ୟୁବରଣ କରିଥିବାରୁ ଅଭିଯୋଗ ପରେ ଗୋପାଳପୁର ଥାନା ପୋଲିସ୍ ଗୁରୁବାର ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ କରିଥିଲେ ।

# ରାସ୍ତାରେ ଭାସୁଛି ପିଇବା ପାଣି

**ଜଳେଶ୍ୱର, ୨୦।୨**
**(ରବିନାରାୟଣ ପାତ୍ର)**



ପାଇପ୍ ଫାଟି ରାସ୍ତାରେ ପିଇବା ପାଣି ସୁଅ ଛୁଟୁଛି।

ଜଳେଶ୍ୱର ବିଜ୍ଞାପିତ ପରିଷଦରୁ ପୌରପରିଷଦ ଗଠନ ହୋଇଥିଲେ ମଧ୍ୟ ପ୍ରଶାସନିକ ଉଦାସୀନତା ଯୋଗୁ ଶୁଦ୍ଧ ପାନୀୟଜଳ ମିଳିପାରୁନାହିଁ। ବରଂ ମାସ ମାସ ଧରି ମାଟିତଳ ପାଇପ ଫାଟି ପିଇବା ପାଣି ରାସ୍ତାରେ ପ୍ରବାହିତ ହେଉଛି। ସେହି ପ୍ରବାହିତ ପାଣି ପରେ ପୁଣି ପାଇପ୍‌ରେ ମିଶି ପାଣିକୁ ଦୂଷିତ କରୁଛି।

ଜଳେଶ୍ୱର ହାଟର ଦୁଇଟି ସ୍ଥାନରେ ପକ୍କା ରାସ୍ତାତଳେ ପାଇବାପାଣି ପାଇପ୍ ବିଛାଯାଇଥିବା ବେଳେ ତାହା ଭାଙ୍ଗି ମାସ ମାସ ଧରି ପାଣିରୁ ସୁଅ ଛୁଟୁଛି। ସେଥିରୁ ଗୋଟିଏ ହାଟମୁହଁ ସ୍ଥାନରେ ମରାମତି କରାଯାଇଥିଲେ ମଧ୍ୟ ଅନ୍ୟଟିରେ ଭୁସ୍ ଭୁସ୍ ପାଣି ରାସ୍ତା ଉପରକୁ ଉଠୁଛି। ଏଥିଲାଗି ବାରମ୍ବାର ଗଣମାଧ୍ୟମରେ ଏବଂ ସ୍ଥାନୀୟ ଲୋକେ ଆର୍‌ଏମ୍‌ସି ଓ ପୌର ଅଧିକାରୀଙ୍କୁ ଜଣାଇ ଆସୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ। ଉଲ୍ଲେଖଯୋଗ୍ୟ ଜଳେଶ୍ୱର ଆର୍‌ଏମ୍‌ସି ଜଳେଶ୍ୱର ହାଟରୁ ରାଜସ୍ୱ ଆଦାୟ କରି ଆସୁଥିବା ବେଳେ ପୌରପରିଷଦର ସଂପୃକ୍ତି ନ ଥାଏ। ଜଳେଶ୍ୱର ସାପ୍ତାହିକ ସୋମବାର ହେଉଥିବା ବେଳେ ପଶ୍ଚିମବଙ୍ଗର ଖଡଗପୁର, ଦାନ୍ତୁନ, ବେଲଦା, ବାଲେଶ୍ୱର ଜିଲାର ଭୋଗରାଇ, ବସ୍ତା ଅଞ୍ଚଳରୁ ଲୋକେ ଆସି ବିଭିନ୍ନ ଜିନିଷ କ୍ରୟ ବିକ୍ରୟ କରିଥାନ୍ତି। ଏହାବ୍ୟତୀତ ଦୈନିକ ବଜାର ମଧ୍ୟ ସେହି ସ୍ଥାନରେ ହୋଇଆସୁଛି। ଖରାଦିନେ ଦୋକାନୀ ଓ ବଜାରକୁ ଆସୁଥିବା ଲୋକେ ପିଇବାପାଣି ଲାଗି ତହଳବିକଳ ହୁଅନ୍ତି। ମାତ୍ର ପିଇବାପାଣିର କୌଣସି ବ୍ୟବସ୍ଥା ନାହିଁ। ହଜାର ହଜାର ଲୋକ ଏଠାକୁ ଆସୁଥିବା ବେଳେ ଏକମାତ୍ର ନଳକୂପ ଦୀର୍ଘଦିନ ଧରି ଅଚଳ ହୋଇପଡୁଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ବଗେଇପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ଅତିଥିଙ୍କ ଗହଣରେ ପ୍ରମାଣପତ୍ର ସହ କୃତୀ ଛାତ୍ରୀଛାତ୍ର।

**ଖଇରା, ୨୦।୨(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ଅଧୀନ ବଗେଇପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ସଭା ସମ୍ବର୍ଦ୍ଧନା ସାଙ୍ଗକୁ ନାଚ ଗୀତର ତାଳେ ତାଳେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ଥାନୀୟ ସରପଞ୍ଚ ବିଚିତ୍ର ପାତ୍ର ମୁଖ୍ୟଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ପାର୍ବତୀ ପଣ୍ଡା ମୁଖ୍ୟବକ୍ତା, ପୂର୍ବତନ ସରପଞ୍ଚ ବିଷ୍ଣୁପଦ ଘଡେଇ, ପରିଚାଳନା କମିଟି ସଭାପତି ବିପିନ ବିହାରୀ ଦେହୁରୀ, ସିଆରସିସି ବିଶ୍ୱନାଥ ଧିନ୍ଦା, ଶିକ୍ଷକ ନେତା ସନ୍ତୋଷ ଦକ୍ଷିଣରାୟ, ଶ୍ରୀକାନ୍ତ ବେହେରା, ଲମ୍ବୋଦର ମହାନ୍ତି, ଶଙ୍କର୍ଷଣ ସ୍ୱାଇଁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ରଞ୍ଜନ ମହଲା ଓ ସୁଦର୍ଶନ ସେଠୀ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ହଳଧର ସିଂ, ନାରାୟଣ ଚନ୍ଦ୍ର ପାତ୍ର, ରଞ୍ଜିତ ଦାସ, ବୁଦ୍ଧଦେବ ନାଇକି, ଶିକ୍ଷୟିତ୍ରୀ ଶକୁନ୍ତଳା ମଲ୍ଲିକ ତଥା ସ୍ଥାନୀୟ ଗ୍ରାମବାସୀ ସହଯୋଗ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଟିପିଏନ୍‌ଓଡିଏଲ୍ ସିଇଓଙ୍କୁ 'ସିଇଓ ଅଫ୍ ଦି ଇୟର' ସମ୍ମାନ



ସିଇଓ ବସାକଙ୍କୁ 'ସିଇଓ ଅଫ ଦି ଇୟର' ସମ୍ମାନ ପ୍ରଦାନ କରାଯାଇଛି।

**ବାଲେଶ୍ୱର, ୨୦।୨(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ରେମୁଣା ଗୋଳେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିଏନଓଡିଏଲ)ର ସିଇଓ ଦ୍ୱିଜଦାସ ବସାକଙ୍କୁ ସମ୍ମାନଜନକ ବିଜନେସ୍ ଲିଡର୍ ଅଫ୍ ଦି ଇୟର ଆୱାର୍ଡ୍‌ସ ସମାରୋହରେ 'ସିଇଓ ଅଫ୍ ଦି ଇୟର' ପୁରସ୍କାର ପ୍ରଦାନ କରାଯାଇଛି। ମୁମ୍ବାଇରେ ଅନୁଷ୍ଠିତ ୨୩ତମ ବିଶ୍ୱ ସଂସ୍କରଣ କାର୍ଯ୍ୟକ୍ରମରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଟିପିଏନଓଡିଏଲକୁ ପରିଚାଳନାଗତ ଉତ୍କର୍ଷତା ଏବଂ ଗ୍ରାହକ-କେନ୍ଦ୍ରିକ ସମାଧାନ ଦିଗରେ ଆଗେଇ ନେବାରେ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ଗୁରୁତ୍ୱପୂର୍ଣ୍ଣ ଅବଦାନ ଏବଂ ନିରନ୍ତର ପ୍ରୟାସ ପାଇଁ ବସାକଙ୍କୁ ସମ୍ମାନିତ କରାଯାଇଥିଲା।

ଏହି ସମ୍ମାନ ପାଇବା ପରେ ବସାକ କୃତଜ୍ଞତା ଜ୍ଞାପନ ସହ ସମଗ୍ର ଟିପିଏନଓଡିଏଲ ଟିମ୍‌କୁ ସଫଳତାର ଶ୍ରେୟ ଦେଇଛନ୍ତି। ଏହି ପୁରସ୍କାର କେବଳ ଏକ ବ୍ୟକ୍ତିଗତ ଉପଲବ୍ଧି ନୁହେଁ ବରଂ ଟିପିଏନଓଡିଏଲରେ ମୋର ସମଗ୍ର ଟିମ୍‌ର ସାମୂହିକ ପ୍ରୟାସର ସ୍ୱୀକୃତି। ସେମାନଙ୍କର କଠିନ ପରିଶ୍ରମ, ନିଷ୍ଠା ଏବଂ ଉତ୍କର୍ଷତା ପ୍ରତି ପ୍ରତିବଦ୍ଧତା ଆମର ସଫଳତାରେ ସହାୟକ ହୋଇଛି। ଏଭଳି ପ୍ରତିଭାସମ୍ପନ୍ନ ଏବଂ ଉତ୍ସାହୀ ଗୋଷ୍ଠୀର ନେତୃତ୍ୱ ନେଇ ମୁଁ ପ୍ରକୃତରେ ଗର୍ବିତ ବୋଲି ସିଇଓ ବସାକ କହିଥିଲେ।

## ବସ୍ ଚକ ତଳେ ଚାପିହୋଇ ଯୁବକ ମୃତ

**ଖଇରା, ୨୦।୨(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଝିଙ୍କିରିଆ ଗ୍ରାମର ଭଗବାନ ସେଠୀ(୨୦) ଔପଦା-ଗଣ୍ଡିବେଡ ରାସ୍ତାର ବୁଢାଗଡିଆ ଛକ ନିକଟରେ ବସ ଚକା ତଳେ ଚାପି ହୋଇ ମୃତ୍ୟୁବରଣ କରିଛନ୍ତି । ଗୁରୁବାର ଅପରାହ୍ନରେ ବେହେରା ଆଣ୍ଡ ବେହେରା ବସ୍(ଓଡି୦୧ଏନ୮୬୮୪) କେନ୍ଦୁଝରରୁ ଔପଦା ଅଭିମୁଖେ ଫେରୁଥିବା ବେଳେ ବିପରୀତ ଦିଗରୁ ବାଇକରେ ଆସୁଥିବା ଭଗବାନଙ୍କ ଉପରେ ପଛ ଚକ ମାଡିଯିବା କାରଣରୁ ଘଟଣାସ୍ଥଳରେ ଗୁରୁତର ଆହତ ହୋଇପଡିଥିଲେ । ଖଇରା ଅଗ୍ନିଶମ ବାହିନୀ ସହାୟତାରେ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ ।

## ଧକ୍କା ଦେଇ କଟା ହାତକୁ ଘୋଷାଡ଼ିନେଲା ପିକ୍‌ଅପ୍ ଭ୍ୟାନ

**ଜଳେଶ୍ୱର, ୨୦।୨(ନବୀନ ସାହୁ)**

ପିକଅପ ଜଣେ ବ୍ୟକ୍ତି ଙ୍କୁ ଧକ୍କା ଦେଇ କଟା ହାତକୁ ଘୋଷଡି ନେଲା ୨୦ କି.ମି.। ଆହତ ବ୍ୟକ୍ତିଙ୍କୁ କଟକ ବଡ ମେଡିକାଲ ପଠାଯାଇଛି।

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଲକ୍ଷ୍ମଣନାଥ- ଚାଙ୍ଗଲା ରୋଡରେ ଲକ୍ଷ୍ମଣ ନାଥ ସୁବର୍ଣ୍ଣରେଖା ପୋଲ ଉପରେ ଏକ ପିକଅପ୍ ଶ୍ରୀରାମପୁର ପଞ୍ଚାୟତ ଗୁରୁଦାସପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାନ୍ତି ନାମକ ବ୍ୟକ୍ତିଙ୍କୁ ଧକ୍କା ଦେଇ ତାଙ୍କ ଡାହାଣ ହାତକୁ କାଟି ଘୋଷାଡି ଘୋଷାଡି ୨୦ କି.ମି. ପର୍ଯ୍ୟନ୍ତ ନେଇଥିଲ। ଖୁଆଡ ପଞ୍ଚାୟତ ପୁରୁଣାପାଣି ଗ୍ରାମର ବ୍ୟକ୍ତି ପିକଅପକୁ ଅଟକ ରଖି ରାଇବଣିଆ ପୋଲିସକୁ ଖବର ଦେଇଥିଲେ। ଉକ୍ତ ଡ୍ରାଇଭର ହେଲେ ଶ୍ରୀରାମପୁର ପଞ୍ଚାୟତ ସୋନିଆ ମଲ୍ଲିକ। ପରେ ରାଇବଣିଆ ପୋଲିସ ପହଞ୍ଚି କଟା ହାତକୁ ଜବତ କରି ମେଡିକାଲ ପଠାଇବା ସହିତ ଦୁର୍ଘଟଣା ଘଟାଇଥିବା ପିକଅପକୁ ଜବତ କରି ଡ୍ରାଇଭରଙ୍କୁ ଥାନାକୁ ନେଇଛି।

# ବିଦ୍ୟାଳୟ ପରିସରରୁ ଗଛକଟା ନେଇ ଅସନ୍ତୋଷ

**ସିମୁଳିଆ, ୨୦।୨(ସନ୍ତୋଷ ନାୟକ)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତର ଗୋଟାଏ ହତା ମଧ୍ୟରେ ରହିଛି ସିମୁଳିଆ ପ୍ରାଥମିକ ବିଦ୍ୟାଳୟ ଓ ସାଧୁଚରଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟ ପରିସରରୁ ୪ଟି ଗଛକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନାରାୟଣ ପଣ୍ଡା କାଟିଦେଇଥିବା ନେଇ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ମାଝି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସମ୍ପର୍କରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଣ୍ଡାଙ୍କୁ ପଚାରିବାରୁ ଏହି ଗଛକୁ ପରିଚାଳନା କମିଟି ନିର୍ଦ୍ଦେଶରେ ଗ୍ରାମବାସୀ କାଟି ନେଇଥିବା କହିଛନ୍ତି। ଅଭିଯୋଗ ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକଙ୍କୁ ପଚାରିବାରୁ ସାଧୁଚରଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏକ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଅଟେ। ତେଣୁ ଏହି ବିଦ୍ୟାଳୟର ଶିକ୍ଷକ ନିଯୁକ୍ତି କ୍ଷମତା ପରିଚାଳନା କମିଟି ହାତରେ ରହିଛି। ଗଛକଟା ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଛି। ଏହି କମିଟିରେ ଏବିଇଓଙ୍କ ସମେତ ହାଇସ୍କୁଲ ଶିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି। କମିଟି ଯାଞ୍ଚ ପରେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ଅପରପକ୍ଷେ ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି ଅବିନାଶ ବେହେରା ଏଥିରେ ଶିକ୍ଷକମାନଙ୍କ ଭୂମିକା ନାହିଁ, ପିଲାମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି କମିଟି ନିଷ୍ପତ୍ତିରେ ଏହି ଗଛ କଟାଯାଇଛି ଓ ଗଛ ବିକ୍ରି ଟଙ୍କାକୁ ବିଦ୍ୟାଳୟ ଆକାଉଣ୍ଟରେ ଉନ୍ନତୀକରଣ ପାଇଁ ରଖାଯାଇଥିବା ସେ କହିଛନ୍ତି।



ବିଦ୍ୟାଳୟ ପରିସରରୁ କଟାଯାଇଥିବା ଗଛ।

# ଖଞ୍ଜାମାହାଲ ପଥର ଖାଦାନରେ ଜିଲାପାଳଙ୍କ ଚଢ଼ାଉ

**ସୋର, ୨୦।୨(ଜନ୍ମେଜୟ ମିଶ୍ର)**

**ପୋକଲିନ ସହ ଡମ୍ପର, ଟ୍ରାକ୍ଟର ଜବତ**

**ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ**

ସୋର ତହସିଲ ଅଧୀନ ମହୁମୁହାଣ ପଞ୍ଚାୟତ ବାଗୁଡି ଖଞ୍ଜାମାହାଲ ପଥର ଖାଦାନରେ ବାଲେଶ୍ୱର ଜିଲପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଚାନକ ଚଢ଼ାଉ କରି ୪ଟି ପୋକଲିନ, ୩ଟି ବେଆଇନ ମାଲ ବୋଝେଇ ଡମ୍ପର ସହ ଏକ ଟ୍ରାକ୍ଟର ଜବତ କରିଛନ୍ତି। ଏଥିରେ ଖଣି ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଖାଦାନରେ ବାରମ୍ବାର ଚଢ଼ାଉ ହେଉଥିଲେ ମଧ୍ୟ ପଥର ଚୋରାରେ ଚାଲଣ ହେଉଛି। ପ୍ରଶାସନ ପକ୍ଷରୁ ଯେତେ ପ୍ରକାର ପଥ ଆପଣାଯାଉଛି ସେସବୁକୁ ଫୁ କରି ମାଫିଆମାନେ ପଥର ଲୁଟିବାରେ ଲାଗିଛନ୍ତି। ଗତ କିଛି ଦିନ ତଳେ ପ୍ରଶାସନ ପକ୍ଷରୁ ଏହାର ମୁଖ୍ୟ ରାସ୍ତାଗୁଡ଼ିକୁ କାଟି ଦିଆଯାଇଥିଲା। ୪ଦିନ ତଳେ ପୋଲିସ ଓ ଖଣି ବିଭାଗ ପକ୍ଷରୁ ନାକାବନ୍ଦୀ କରାଯିବା ପାଇଁ ସ୍ଥାନ ନିରୂପଣ କରାଯାଇଥିଲା। ମାତ୍ର ଏସବୁର କିଛି ବି ଫରକ ପଡି ନ ଥିଲା। ବାଲେଶ୍ୱର ଜିଲାପାଳ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଏହି ଖାଦାନରେ ପହଞ୍ଚିଥିଲେ। ପରେ ବେଆଇନ ପଥର ଚାଲାଣରେ ଲାଗିଥିବା ୪ଟି ଚେନପୁଲି ପୋକଲିନ ମେଶିନ, ତିନୋଟି ଡମ୍ପର, ଗୋଟିଏ ଟ୍ରାକ୍ଟର ଜବତ କରାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶରେ ବିଭିନ୍ନ ସ୍ଥାନରେ ଗଚ୍ଛିତ ଥିବା ପଥରକୁ ଜବତ କରାଯାଇ ୩୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ନିଲାମ କରାଯାଇଥିଲା। ଖାଦାନ ଅଞ୍ଚଳରେ ଥିବା ବିଭିନ୍ନ କ୍ରଶରରେ ଚଢ଼ାଉ କରାଯାଇ ଗଚ୍ଛିତ ପଥରକୁ ଜବତ କରାଯାଇ ନିଲାମ କରାଯିବା ସହିତ ସଂଲଗ୍ନ ରାସ୍ତାକୁ ଖଣି ବିଭାଗ ତରଫରୁ କଟାଯାଇଥିଲା। ଏହି ସମୟରେ କେତେକ ମାଫିଆ ଚଢାଉ ନେଇ ଜାଣିପାରି ଆଗୁଆ କାମ ବନ୍ଦ କରି ଫେରାର ହୋଇଯାଇଥିଲେ। ଏହି ଚଢାଉରେ ଖଣି ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ଦଳେଇ, ବାଲେଶ୍ୱର ଖଣି ଅଧିକାରିଣୀ ସନ୍ତୋଷୀ ପ୍ରଭା ସେଠୀ, ସୋର ତହସିଲଦାର ସେଖ ସାଗିର, ଅତିରିକ୍ତ ତହସିଲଦାର ଦୈତାରୀ ମଲ୍ଲିକ, ବାଲେଶ୍ୱର ବନ ବିଭାଗର ଏସିଏଫ୍ ଦିଗନ୍ତ ଶୋଭନ ଚାନ୍ଦ ଓ ପରିବହନ ବିଭାଗର ଅଧିକାରୀଙ୍କ ସମେତ ସୋର ପୋଲିସ ସାମିଲ ହୋଇଥିଲେ।

# ବିଦ୍ୟୁତ୍ କାଟ ଯୋଗୁ ବଢୁଛି ଅସନ୍ତୋଷ

**ବୈଶିଙ୍ଗା, ୨୦।୨(ରତନ ଦାଶ)**

ମୟୂରଭଞ୍ଜ ଜିଲା ବେତନଟୀ ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ଥିବା ବୈଶିଙ୍ଗା ବିଦ୍ୟୁତ୍ ସେକ୍ସନ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ଅସନ୍ତୋଷ ଦେଖାଦେଇଛି। ଟାଟା ପାୱାର କମ୍ପାନୀ ପକ୍ଷରୁ ସର୍ବସାଧାରଣଙ୍କ ନିମନ୍ତେ ଜାରି କରାଯାଇଥିବା ଏକ ବିଜ୍ଞାପନ ଅନୁଯାୟୀ କେବଳ ଜାନୁଆରୀ ଓ ଫେବୃଆରୀ ମାସରେ ମରାମତି ପାଇଁ ମୋଟ ୧୫ ଦିନ ବିଜୁଳି ସରବରାହ ବନ୍ଦ ରହିବ। ଡିସେମ୍ବର ମାସରେ ମଧ୍ୟ ୪ ଦିନ ମରାମତି ପାଇଁ କହି ବିଦ୍ୟୁତ୍ ସରବରାହ ବନ୍ଦ ରଖାଯାଇଥିଲା। ଏବେ ଗ୍ରୀଷ୍ମ ପ୍ରବାହ ଆସି ନ ଥିବା ଓ ପାଗ ଥଣ୍ଡା ରହୁଥିବା କାରଣରୁ ଘରୋଇ ଉପଭୋକ୍ତାଙ୍କ ଉପରେ ଏହାର ବିଶେଷ ପ୍ରଭାବ ପଡିନାହିଁ। ମାତ୍ର ବିଜୁଳି ଶକ୍ତି ଉପଯୋଗରେ ବେପାର ବାଣିଜ୍ୟ କରୁଥିବା ଛୋଟବଡ ବ୍ୟବସାୟୀଙ୍କ ଉପରେ ଏହାର ଜୋରଦାର ପ୍ରଭାବ ଲକ୍ଷ୍ୟ କରାଯାଇଛି।

ବିଶେଷ କରି ଫେବ୍ରିକେସନ, ଆଲୁମିନିୟମ, କାଠ ଫର୍ଣ୍ଣିଚର ଶିଳ୍ପ, ଇଣ୍ଟରନେଟ ସେଣ୍ଟର, ଫଟୋ ଷ୍ଟୁଡିଓ, ଜନସେବା କେନ୍ଦ୍ର, ଶାଳପତ୍ରରୁ ଖଲିଦୋନା ପ୍ରସ୍ତୁତ ଶିଳ୍ପ ଆଦି ପ୍ରଭାବିତ ହେଉଥିବା ଲକ୍ଷ୍ୟ କରାଯାଇଛି। ଏନେଇ ଏସଡିଓ ଶୁଭଦୀପ୍ତ ମିଶ୍ରଙ୍କୁ ପଚାରିବାରୁ ବେତନଟୀ ଷ୍ଟ୍ରକଚରଠାରୁ ବୈଶିଙ୍ଗା ବିଦ୍ୟୁତ୍ ଷ୍ଟ୍ରକଚର ପର୍ଯ୍ୟନ୍ତ ୩୩ କେଭି ଲାଇନରେ ନୂଆ ତାର ଲଗାଯାଉଥିବା କାରଣରୁ ଏଭଳି ସ୍ଥିତି ଉପୁଜିଛି ବୋଲି କହିଛନ୍ତି।

# ବାଲି ଚାଲାଣ ବେଳେ ଟ୍ରାକ୍ଟର ଜବତ

**ଉଦଳା, ୨୦।୨(ସନ୍ତୋଷ କୁମାର ବାଛିନୀ)**

ତେଲଦିହୁଡି ବାଲିଘାଟରୁ ବେଆଇନ ବାଲି ନେଇ ଯାଉଥିବା ଏକ ଟ୍ରାକ୍ଟରକୁ ଉପଖଣ୍ଡ ପୋଲିସ ଅଧିକାରୀ ଜବତ କରିଛନ୍ତି। ଉକ୍ତ ଟ୍ରାକ୍ଟରରେ ବାଲି ବୋଝେଇ ହୋଇ ଯାଉଥିବା ବେଳେ ଉପଖଣ୍ଡ ପୋଲିସ ଅଧିକାରୀ ଅଟକିବାକୁ କହିଥିଲେ। ହେଲେ ଡ୍ରାଇଭର ଟ୍ରାକ୍ଟର ନେଇ ଖସି ଯାଇଥିଲେ। ଅତି ଦ୍ରୁତଗତିରେ ପୋଲିସ ନଜରରୁ ଟ୍ରାକ୍ଟର ଖସାଇ ନେଇଥିବା ବେଳେ ଏକ ଅନ୍ଧାରସ୍ଥାନରେ ବାଲି ଅନଲୋଡ୍ କରିଦେଇଥିଲେ। ପରେ ଉପଖଣ୍ଡ ପୋଲିସ ଅଧିକାରୀ ବାଲି ଅନଲୋଡ୍ କରି ସାରିଥିବା ଟ୍ରାକ୍ଟରକୁ ଜବତ କରି ଥାନାକୁ ଆଣିଥିବା ସୂଚନା ମିଳିଛି।

# ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥିଗଣ।

**ବାଲିଆପାଳ, (ଗୋପାଳ ଚନ୍ଦ୍ର ସାହୁ)/କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)**

ବାଲେଶ୍ୱର ଜିଲା ବାଲିଆପାଳ ଗୁରୁକୁଳ ଭବନ ସଭାଗୃହ ପରିସରରେ ଗୁରୁବାର ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ୮ମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ସଂଘ ସ୍ଥାୟୀ ସଭାପତି ଶ୍ରୀକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ଓଡ଼ିଶାର କାର୍ଯ୍ୟକାରୀ ସଭାପତି ନିର୍ମଳଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ମହାସଚିବ ଗୋକୁଳାନନ୍ଦ ବେହେରା ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା, ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ଉପସଭାପତି ଦେବେନ୍ଦ୍ର ଚୌଧୁରୀ, ବାଲିଆପାଳ ବ୍ଲକ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ରାଖାଲ ଚନ୍ଦ୍ର ଦାସ, ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ ସଞ୍ଜୟ ପଣ୍ଡା, ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ଉପଦେଷ୍ଟା ଜ୍ଞାନେନ୍ଦ୍ର ନାଥ ସାହୁ, ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ବସନ୍ତ କୁମାର ନାୟକ, ଉତ୍ତର ଭୋଗରାଇ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ସଭାପତି ବସନ୍ତ କୁମାର ଦାସ, ଅବସରପ୍ରାପ୍ତ ସୈନିକ ସଂଘ ବାଲିଆପାଳର ସଭାପତି କମଳଲୋଚନ ପୀଳା, ଅବସରପ୍ରାପ୍ତ ସୈନିକ ସଂଘ ବାଲିଆପାଳର ପୂର୍ବତନ ସଭାପତି ରାମଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଆଦିତ୍ୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାସ୍ଥ୍ୟସେବାର ଉନ୍ନତି ଦାବିରେ ଗଣଧାରଣା

**ବାଲେଶ୍ୱର, ୨୦।୨(ବାଞ୍ଛାନିଧି ଦେ)**

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ବାଲେଶ୍ୱର ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ଦାବିରେ ବାଲେଶ୍ୱର ଜିଲା ସରକାରୀ ମେଡିକାଲ କଲେଜ ଓ ହସ୍‌ପିଟାଲ କ୍ରିୟାନୁଷ୍ଠାନ ପ୍ରତିଷ୍ଠା କମିଟି ପକ୍ଷରୁ ଗୁରୁବାର ଖାଉଟି ଅଦାଲତ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସୁଧାର ନାୟକଙ୍କୁ କମିଟିର ଏକ ପ୍ରତିନିଧି ଦଳ ସାକ୍ଷାତ୍ କରି ୧୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଖୁବ୍‌ଶୀଘ୍ର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ନ ହେଲେ ଆସନ୍ତା ମାର୍ଚ୍ଚରେ ବିଧାନସଭା ଅଧିବେଶନ ସମୟରେ ବିଧାନସଭା ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

ଫକୀରମୋହନ ମେଡିକାଲ୍ କଲେଜ ସଂଲଗ୍ନ ହସ୍‌ପିଟାଲ୍‌କୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ଖାଲି ପଡ଼ିଥିବା ବିଶେଷଜ୍ଞ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି, ହୃଦ୍‌ରୋଗ, ସ୍ନାୟୁରୋଗ ଓ ମୂତ୍ରାଶୟଜନିତ ରୋଗର ବିଭାଗ ଖୋଲାଯିବା, ୧୬ ନଂ. ଜାତୀୟ ରାଜପଥରୁ ମେଡିକାଲ୍ କଲେଜ୍‌କୁ ସଂଯୋଗ ରାସ୍ତା ନିର୍ମାଣ, ନର୍ସିଂ ଓ ଫାର୍ମାସିଷ୍ଟ କଲେଜ ପ୍ରତିଷ୍ଠା, ଡାକ୍ତରୀ ଶିକ୍ଷାର୍ଥୀ ସିଟ୍ ସଂଖ୍ୟା ୧୦୦ରୁ ୧୫୦କୁ ବୃଦ୍ଧି କରିବା, ଏମ୍‌ସ୍ ସାଟେଲାଇଟ୍ ସେଣ୍ଟରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ସହ ସପ୍ତାହେବ୍ୟାପୀ ବହିର୍ବିଭାଗ ଚିକିତ୍ସା ପ୍ରଦାନ କରିବା, ରୋଗୀ କଲ୍ୟାଣ ସମିତିରେ କ୍ରିୟାନୁଷ୍ଠାନ କମିଟି ପ୍ରତିନିଧିମାନଙ୍କୁ ସଦସ୍ୟ ଭାବେ ଗ୍ରହଣ କରିବା ଆଦି ଦାବି ପୂରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।



ଗଣଧାରଣାରେ ସାମିଲ ମହିଳାପୁରୁଷ।

# ସାରସକଣା ବ୍ଲକ୍‌ରେ ୯୯୧ ମାଟ୍ରିକ୍ ପରୀକ୍ଷାର୍ଥୀ

**ଝାରପୋଖରିଆ, ୨୦।୨(ସୁଧୀର ମହାନ୍ତ)**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍‌ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେବ। ସାରସକଣା ବ୍ଲକରେ ୭ଟି ପରୀକ୍ଷା କେନ୍ଦ୍ର ମାଧ୍ୟମରେ ୨୨ଟି ବିଦ୍ୟାଳୟର ମୋଟ ୯୯୧ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବେ। ପ୍ରଶ୍ନପତ୍ର ଓ ଉତ୍ତର ଖାତା ପାଇଁ ବ୍ଲକର ଶୀର୍ଷା ସରକାରୀ ଉଚ୍ଚ ବିଦ୍ୟାଳୟକୁ ହବ ସେଣ୍ଟର କରାଯାଇଛି। ନୋଡାଲ ଅଫିସର ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବିନ୍ଦ ମହାଲିଙ୍କୁ ଦାୟିତ୍ୱ ଦିଆଯାଇଛି। ଶୀର୍ଷା ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୪ଟି ବିଦ୍ୟାଳୟର ୧୪୨ ଜଣ, ଗୋଲାପମଣି ଉଚ୍ଚ ବିଦ୍ୟାଳୟରେ ୩ଟି ବିଦ୍ୟାଳୟର ୧୫୬, ଖେର୍ଣ୍ଣା ଈଶ୍ୱରଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ୪ଟି ସ୍କୁଲର ୧୨୫ ଜଣ, ବାଗବୁଡା ଏସଏସଡି ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୪ଟି ସ୍କୁଲର ୧୬୮ଜଣ, ଜାଲଦା ଶୋଭାରାଣୀ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୩ଟି ସ୍କୁଲର ୧୧୭ ଜଣ, ରାଜାଲୋକ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨ ବିଦ୍ୟାଳୟର ୧୩୯ ବିଦ୍ୟାର୍ଥୀଙ୍କ ସହିତ ଝାରପୋଖରିଆ ସରକାରୀ ଉନ୍ନୀତ ହାଇସ୍କୁଲରେ ଦୁଇଟି ସ୍କୁଲର ୧୪୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଶାନ୍ତି ଶୃଙ୍ଖଳା ସହିତ ପରୀକ୍ଷା ପରିଚାଳନା ପାଇଁ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ପରୀକ୍ଷା କେନ୍ଦ୍ରର ନିରୀକ୍ଷଣ ପାଇଁ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ୪ଟି ସ୍କ୍ୱାଡ୍ ଟିମରେ ୮ଜଣ ଅଫିସର, ମାଧ୍ୟମିକ ବୋର୍ଡ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦୁଇଟି ସ୍କ୍ୱାଡ୍‌ରେ ୪ଜଣ ଅଫିସର ଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ପରୀକ୍ଷା କେନ୍ଦ୍ର ତଦାରଖ ପାଇଁ ବିଡିଓ ସୁମନ ରାଜା ମହାନ୍ତିଙ୍କୁ ଫ୍ଲାଇଙ୍ଗ ସ୍କ୍ୱାଡ୍‌ର ଦାୟିତ୍ୱ ଦିଆଯାଇଛି।

**ଗୁରୁତର ବୃଦ୍ଧଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ**

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଖିରେଇ ଡାଙ୍ଗିରି ଗ୍ରାମର ବୃଦ୍ଧ ଗୁରିଆ ନାଏକ(୮୫) ଗତ ମଙ୍ଗଳବାର ନିଆଁ ପୋଇଁ ହେଉଥିବା ବେଳେ ପୋଡ଼ିହୋଇ ଗୁରୁତର ହୋଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ବୁଧବାର ଅପରାହ୍ନରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ଘଟିଛି। ଗୁରୁବାର ଜିଲା ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତୁରୁମୁଙ୍ଗା ପୋଲିସ ଏକ ମାମଲା ରୁଜୁ କରିଛି।



**ବିଲାତି ଅଭାବୀ ବିକ୍ରି**

# ୩୦ କିଲୋକୁ ୪୦ ଟଙ୍କା

କେନ୍ଦୁଝର ୨୦।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ବିଲାତି ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛି। ପ୍ରତ୍ୟେକ ବର୍ଷ ଚାଷୀ ବିଲାତି ଶାଗ, ମାଛ ଦରରେ ବିକ୍ରି କରୁଥିଲେ ହେଁ କୌଣସି ପ୍ରତିକାର କରାଯାଉନାହିଁ। ବଜାରରେ ଉଚିତ ମୂଲ୍ୟ ମିଳୁ ନ ଥିବାରୁ ଜମି ବାଡ଼ିରେ ବିଲାତି ପଚୁଛି। ଚାଷୀ ଟ୍ରେ ତଥା ୩୦ କିଲୋ ବିଲାତି ୪୦ ଟଙ୍କାରେ ବିକିବାକୁ ବାଧ ହେଉଥିବା କହିଛନ୍ତି। ଜିଲାରେ ଶୀତଳଭଣ୍ଡାର ଅଭାବରୁ ବିଲାତି ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ଟିକରପଡ଼ା, ରାଜବନ୍ଧ, ନୂଆଗାଁ, ରାଇସୁଆଁ, ମହାଦେଇଯୋଡ଼ା, ପଦ୍ମପୁର, ମଇଦାନକେଲ, କାଠବାରି ଆଦି ଅଞ୍ଚଳରେ ଚାଷୀ ବିଲାତି ଚାଷ କରିଥାନ୍ତି। ଏବେ ବିଲାତି ଅମଳ ସମୟ ହୋଇଥିବା ବେଳେ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ନ ଥିବାରୁ ବିଲାତି ନଷ୍ଟ ହୋଇଯିବା ଭୟରେ ଚାଷୀ କମ ଦାମରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏହା ଛଡ଼ା ଫୁଲ କୋବି, ବନ୍ଧା କୋବି, ଧଣିଆ ପତ୍ର, ଶାଗ ଆଦି ମଧ କମ ଦାମରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ବନ୍ଧା କୋବି ଗୋଟା ୫ ଟଙ୍କାରୁ ୧୦ ଟଙ୍କା, ଫୁଲ କୋବି ୧୦ ରୁ ୨୦ ଟଙ୍କାରେ ବିକ୍ରି କରୁଛନ୍ତି। ଶାଗ ୨୦ ଟଙ୍କାରେ ୪ ରୁ ୫ ବିଡ଼ା ବଦଳରେ ୧୦ ବିଡ଼ା ବିକ୍ରି କରିବାକୁ ବାଧ ହେଉଛନ୍ତି। ଏଭଳି କ୍ଷତି ଅନେକଙ୍କ ପାଇଁ କୌଣସି ସମସ୍ୟା ହେଉ ନ ଥିଲେ ହେଁ ପନିପରିବା ସାଇତି ରଖି ଭଲ ଦରରେ ବିକ୍ରି କରିପାରିଲେ ସେମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ହୋଇପାରନ୍ତା ବୋଲି ଚାଷୀମାନେ କହୁଛନ୍ତି। ଅନେକ ନିଜର ଖର୍ଚ୍ଚରେ ପମ୍ପ ବସାଇ ପାଣି ଟାଣି ବିଲାତି ଚାଷ କରିଥାନ୍ତି। କିନ୍ତୁ ବାହାର ରାଜ୍ୟ ବିହାର, ଝାଡ଼ଖଣ୍ଡ ତଥା ବାହାର ଜିଲାର ବିଲାତି ଏହି ଜିଲାକୁ ଆସି ବିକ୍ରି କରାଯାଉଥିଲେ ହେଁ ଏଠାକାର ଚାଷୀ ଉଚିତ ମୂଲ୍ୟ ପାଇପାରୁନାହାନ୍ତି ବୋଲି ଚାଷୀ ଲଘୁ



ଗ୍ରାହକ ଓ ବ୍ୟବସାୟୀଙ୍କ ଅପେକ୍ଷାରେ ମହିଳା ଚାଷୀ।

ସୋରେନ କହିଛନ୍ତି। ଉଦ୍ୟାନ ଓ କୃଷି ବିଭାଗ ପକ୍ଷରୁ ବଜାର ସୁବିଧା କରାଯାଉ ନ ଥିବାରୁ ଚାଷୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ପାଖାପାଖି ୧୦ ହଜାରରୁ ଊର୍ଦ୍ଧ୍ୱ ଟନ୍ ବିଲାତି ଅମଳ ହେଉଥିଲେ ହେଁ ବିକ୍ରି ହୋଇ ପାରୁ ନ ଥିବାରୁ ବହୁ ନଷ୍ଟ ହେଉଛି ବୋଲି ଚାଷୀ ପ୍ରଦୀପ ସେଠୀ କହିଛନ୍ତି। ଅଭାବୀ ଜିଲା ସହିତ ସମନ୍ୱୟ ରକ୍ଷା କରି ବିଲାତି ଚାଲାଣ କରାଯାଇ ପାରିଲେ ଚାଷୀ ଉଚିତ ମୂଲ୍ୟ ପାଇ ପାରିବେ ବୋଲି ବିଶ୍ୱମ୍ଭର ମାଝୀଙ୍କ ସମେତ ବହୁ ଚାଷୀ ମତବ୍ୟକ୍ତ କରୁଛନ୍ତି। ଅନ୍ୟପକ୍ଷେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା ନେଇ ପୂର୍ବରୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ତାହା ମଧ ହୋଇପାରୁନାହିଁ। ବିଲାତିକୁ ବିଭିନ୍ନ ଶିକ୍ଷା ବିଭାଗ ତଥା ଏସ୍‌ସି/ଏସଟି ବିଭାଗ ଅଧୀନରେ ଥିବା ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହଷ୍ଟେଲକୁ ପଠାଯାଇ ଖାଦ୍ୟରେ ସାମିଲ କରାଗଲେ ନଷ୍ଟ ସମସ୍ୟା ରହିବ ନାହିଁ ବୋଲି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିମ୍ବାଧର ବେହେରା ମତ ଦେଇଛନ୍ତି।

କେନ୍ଦୁଝର ଉଦ୍ୟାନ ଉପ ନିର୍ଦ୍ଦେଶକ, ସୌମେନ୍ଦ୍ର ପାଣିଗ୍ରାହୀ କହିଛନ୍ତି, ଏପିସି (ଏଗ୍ରିକଲଚର ପ୍ରଡକ୍ସନ କ୍ଲଷ୍ଟର) ମାନେ ପ୍ରୋତ୍ସାହିତ କରୁଛନ୍ତି। ଏବେ କିଲୋ ୩ ରୁ ୪ ଟଙ୍କାରେ ବିକ୍ରି ହେଉଛି। ଶୀତଳ ଭଣ୍ଡାର ସାଙ୍ଗକୁ କେତେକ ସ୍କିମ୍ ପ୍ରସ୍ତୁତ କରି ସମସ୍ୟା ସମାଧାନ କରିବାକୁ ପଦକ୍ଷେପ ନିଆଯାଉଛି। ବିଭିନ୍ନ ସଂସ୍ଥା ସହିତ ଯୋଗାଯୋଗ କରି ଏହାର ମାର୍କେଟିଂ କିପରି କରାଯାଇପାରିବ ସେ ନେଇ ପଦକ୍ଷେପ ନିଆଯାଉଛି। ପ୍ରୋସେସିଂ ୟୁନିଟ ସ୍ଥାପନା ନେଇ ଯୋଜନା ପ୍ରସ୍ତୁତ କରାଯାଉଛି।

## ଟ୍ରେଲରକୁ ପିଟିଲା ହାଇୱା, ଡ୍ରାଇଭରଙ୍କ ମୃତ୍ୟୁ

ଯୋଡ଼ା,୨୦।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହର ମଧ ଦେଇ ଯାଇଥିବା ଫ୍ଲାଏ ଓଭର ଉପରେ ବୁଧବାର ରାତି ରେ ଦୁର୍ଘଟଣା ଘଟିଛି। ଏକ ଟ୍ରେଲରକୁ ହାଇୱା ଧକ୍କା ଦେଇଛି। ହାଇୱା ଡ୍ରାଇଭରଙ୍କ ଚାପି ହୋଇ ଶୋଚନୀୟ ମୃତ୍ୟୁ ଘଟିଛି। ଡ୍ରାଇଭରଙ୍କ ପରିଚୟ ମିଳପାରି ନ ଥିବା ବେଳେ ଦୁର୍ଘଟଣା ପରେ ଫ୍ଲାଏ ଓଭର ଉପରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଏକ ଘରୋଇ ଖଣି କମ୍ପାନୀର ହୋଲ ପ୍ୟାକ ଡାଲାକୁ ଟ୍ରେଲରରେ ଲୋଡ କରି ନିଆଯାଉଥିଲା। ଡାଲାର କିଛି ଅଂଶ ଟ୍ରେଲରର ବାହାରକୁ ବାହାରି ରହିଥିଲା। ଏହି ସମୟରେ ସାମ୍ନାପଟୁ ଆସୁଥିବା ଲୁହାପଥର ବୋଝେଇ ହାଇୱା ରାତି ପ୍ରାୟ ୧୦ଟା ସମୟରେ ଫ୍ଲାଏ ଓଭର ପିଲର ନଂ. ୫୯



ଦୁର୍ଘଟଣାଗ୍ରସ୍ତ ଟ୍ରକ୍।

ନିକଟରେ ଡାଲାକୁ ଧକ୍କା କରିଥିଲା। ପରେ ପଛପଟୁ ଆସୁଥିବା ଆଉ ଏକ ଟ୍ରକ୍ ସହିତ ଧକ୍କା ହୋଇଥିଲା। ହାଇୱା ଡ୍ରାଇଭର ଗାଡ଼ି ଭିତରେ ଚାପି ହୋଇଯାଇଥିଲା। ଟ୍ରେଲର ଡ୍ରାଇଭରୁ ଫେରାର ହୋଇଯାଇଥିଲେ। ଉକ୍ତ ସ୍ଥାନରେ ଅନ୍ଧକାର ରହିଥିବାରୁ ହାଇୱା ଡ୍ରାଇଭର ଦେଖି ନ ପାରି ଧକ୍କା ଦେଇଥିଲେ ବୋଲି ଚର୍ଚ୍ଚା ହେଉଛି। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି।

## ଆଳୁ କ୍ଷେତ ବୁଲି ଦେଖିଲେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି



ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

କେନ୍ଦୁଝର,୨୦।୨(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ଆୟକୁ ୨ ଗୁଣା କରିବା ପାଇଁ ବହୁ କୃଷକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି। ଯୋଜନା ତୃଣମୂଳସ୍ତରରେ ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ଗୁରୁବାର ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶର ସାହୁ ନିରୀକ୍ଷଣ କରିଛନ୍ତି। କେନ୍ଦୁଝର ଜିଲା ଘଟଗାଁ କୃଷି ଅଧିକାରୀ ରାଜେନ୍ଦ୍ର ଦାସ ଓ ହରିଚନ୍ଦନପୁର ବ୍ଲକ୍ କୃଷି ଅଧିକାରୀ ପ୍ରମୋଦ କୁମାର ବିଶ୍ୱାଳ, ଜିଲା କୃଷି ଅଧିକାରୀ ସୁଧିରଞ୍ଜନ ବେହେରାଙ୍କ ସମେତ ସମସ୍ତ କୃଷି କର୍ମଚାରୀଙ୍କୁ ନେଇ ସମୀକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାଷୀଙ୍କୁ ଆଳୁ ବିହନ, ମୁଗ, ବିରି, ସୋରିଷ, ମଶୁର, ଶୋଲା, ମଟର ଓ ସୂର୍ଯ୍ୟମୁଖୀ ବିହନ ମାଗଣାରେ ଯୋଗାଇ ଦେଉଛନ୍ତି। ଏହି ସବୁ ସାମଗ୍ରୀ ଚାଷୀଙ୍କ ପାଖରେ ପହଞ୍ଚିଛି କି ନାହିଁ ତାହାର ତଦାରଖ କରିଥିଲେ। ଆଳୁ ଚାଷରେ ଓଡ଼ିଶାକୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ହେକ୍ଟର ପିଛା ୫୮ ହଜାର ଟଙ୍କା ପ୍ରୋତ୍ସାହନ ସହାୟତା ଦେବାର ବ୍ୟବସ୍ଥା କରିଛନ୍ତି। ଏହି ପରିପ୍ରେକ୍ଷୀରେ ହରିଚନ୍ଦନପୁର ବ୍ଲକ୍ ୨୭୦ ଜଣ ଚାଷୀ ଏକଶହ ଏକର ଜମିରେ ଚଳିତ ବର୍ଷ ଆଳୁ ଚାଷ କରିଛନ୍ତି। କ୍ଷେତକୁ ଯାଇ ଚାଷୀଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ସାହୁ ଉପସ୍ଥିତ ଥିଲେ।

## ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

ଚମ୍ପୁଆ,୨୦।୨(ମହେଶ୍ୱର ଦାସ): କେନ୍ଦୁଝର ଚମ୍ପୁଆ ବନାଞ୍ଚଳ ଚମ୍ପୁଆ ସେକ୍ସନର ଟୁଣ୍ଟୁଣା ଶାଳ ଜଙ୍ଗଲରେ ଗୁରୁବାର ଅପରାହ୍ନରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣକ ବଡ଼ନଇ ଗ୍ରାମର କରନ କାରୁଆ (୨୭)। କୌଣସି କାମପାଇଁ ଟୁଣ୍ଟୁଣା ଆସିଥିଲେ। ସନ୍ଧ୍ୟା ୫ଟା ବେଳେ କରନ ଟୁଣ୍ଟୁଣା ଶାଳ ଜଙ୍ଗଲନିକଟରେ ବଣୁଆହାତୀଙ୍କ ଆକ୍ରମଣର ଶିକାର ହୋଇଥିଲେ। ହାତୀଟି କରନକୁ କଚାଡ଼ି ଦେବାରୁ ସେ ଗୁରୁତର ହୋଇଥିଲେ। ବନବିଭାଗ କର୍ମଚାରୀମାନେ ତାଙ୍କୁ ମୁମୂର୍ଷ ଅବସ୍ଥାରେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଧର୍ମପରାୟଣଙ୍କ ପରଲୋକ

ବଉଳା,୨୦।୨(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପଢ଼ୀଆରିପଲ୍ଲି ଗ୍ରାମର ଧର୍ମପରାୟଣ ବ୍ୟକ୍ତି ନଳିନୀକାନ୍ତ ରାଉତ(୮୫)ଙ୍କ ପରଲୋକ ହୋଇଯାଇଛି। ସେ ହାଟଡ଼ିହୀ ବ୍ଲକ୍ ଓ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଆନନ୍ଦପୁରରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଆଖପାଖ ଅଞ୍ଚଳର ବହୁ ମାନଗଣ୍ୟ ବ୍ୟକ୍ତି ତଥା ପ୍ରାକ୍ତନ ବିଇଓ ସୁରଥ କୁମାର ସାହୁ, ବୃନ୍ଦାବନ ରାଉତ, କୃଷ୍ଣଚନ୍ଦ୍ର ସାହୁ, ଆନନ୍ଦ ଚନ୍ଦ୍ର ରାଉତ, ନବଘନ ଜେନା, ପଙ୍କଜ ରାଉତ, ଆନନ୍ଦ ଚନ୍ଦ୍ର ଜେନା, ପର୍ଶୁରାମ ସାହୁ, ରାଜେନ୍ଦ୍ର ପାତ୍ର, ନିରାକାର ପାତ୍ର ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଶେଷଶର୍ଯ୍ୟା ନିକଟରେ ପୁଅ ଗଗନ, ରାଜେନ୍ଦ୍ର, ଚତୁର୍ଭୁଜ, ଦିଲ୍ଲୁ, ପୁତୁରା ରାଧେଶ୍ୟାମ (ବାପୁନୁ), ବାଜୁଆ, ଗୋପଳ, ଜ୍ୱାଇଁ ସଜିନ୍ଦ୍ର, ଝିଅ ଟିଙ୍କିଲି, ଭଣଜା କୁନା ଓ ମନୁଆ, ବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ମର ଶରିରକୁ ଗ୍ରାମ ପରିକ୍ରମା କରାଯାଇ ନିଜ ବାଡ଼ିରେ ଶେଷକୃତ୍ୟ କରାଯାଇଥିଲା।

# ରାସ୍ତାରେ ଗୋରୁପଲ



ରାସ୍ତାରେ ଠିଆହୋଇଥିବା ଗୋରୁପଲ।

କେନ୍ଦୁଝର,୨୦।୨(ଦୀପକ ମିଶ୍ର)

- ଦୁର୍ଘଟଣାର କାରଣର ସାଜୁଛନ୍ତି
- କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ପୌର ପ୍ରଶାସନ

କେନ୍ଦୁଝରଗଡ଼ ପୌରପାଳିକା ଅଧୀନ ରାସ୍ତାରେ ଗୋରୁ ପଲପଲ ହୋଇ ବୁଲୁଛନ୍ତି। ଦିନରାତି ରାସ୍ତା ମଝିରେ ଶୋଉଥିବାରୁ ଏହା ଦୁର୍ଘଟଣାର କାରଣ ସାଜିଛି। ଟ୍ରାଫିକ୍ ସମସ୍ୟା ଦେଖାଦେବା ସହ ଦୁର୍ଘଟଣାରେ ବହୁ ଧନଜୀବନ ହାନି ଘଟୁଛି। ପୌର ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ପ୍ରକାଶ ଯେ, କେନ୍ଦୁଝରଗଡ଼ ପୌରପାଳିକାର ସହର ମଧରେ ଗୋରୁ ପଲ ପଲ ହୋଇ ବୁଲୁଛନ୍ତି। ସହରର ଅଧିକାଂଶ ରାସ୍ତା ଅଣଓସାରିଆ ହୋଇଥିବାରୁ ଗୋରୁ ରାସ୍ତାରେ ବୁଲିଲେ ଜନସାଧାରଣ ବିଭିନ୍ନ ଅସୁବିଧା ଭୋଗୁଛନ୍ତି। ଏଥିଯୋଗୁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବୁଲା ଗୋରୁ ଧରିବା କାର୍ଯ୍ୟରେ ପୌର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ କର୍ମଚାରୀ ନିୟୋଜିତ କରାଯାଇ ଗୋରୁଧରା ଅଭିଯାନ ଆରମ୍ଭ କରିବାକୁ ଦାବି ହେଉଛି। ପୌରପାଳିକା ଅଧୀନରେ ଥିବା କାଞ୍ଜିଆହୁଦା ମଧ ଦୀର୍ଘଦିନ ହେବ ବନ୍ଦ ଥିବାରୁ ପୌରପାଳିକା ଗୋରୁଙ୍କୁ ଧରିଲେ କେଉଁଠାରେ ରଖିବ ତାହା ମଧ ସମସ୍ୟା ସୃଷ୍ଟି କରୁଛି। ପୌରପାଳିକା ତରଫରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି। ପୌର ନିର୍ବାହୀ ଅଧିକାରୀ ଲଳିତ କୁମାର ନାଏକ କହିଛନ୍ତି, ପୌରପାଳିକା ପକ୍ଷରୁ ବିଭିନ୍ନ ସମୟରେ ମାଇକ୍ ଯୋଗେ ପ୍ରଚାର କରାଯାଇ ଗୋରୁ ରଖୁଥିବା ଅଧିବାସୀଙ୍କୁ ରାସ୍ତାରେ ନ ଛାଡ଼ିବାକୁ ସଚେତନ କରାଯାଉଛି। ମାତ୍ର କିଛି ଫଳ ମିଳୁନାହିଁ। ଏହାପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଧିକାରୀ ନାଏକ କହିଥିଲେ।

## ସାମାଜିକକର୍ମୀଙ୍କ ପରଲୋକ

ପାଟଣା,୨୦।୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ଡୁମୁରିଆ ଖଜୁରୀ ଡ଼ିହା ସାହିର ସାମାଜିକକର୍ମୀ ବିଜୟ ମହାନ୍ତ(୪୨)ଙ୍କ ବୁଧବାର ରାତ୍ରିରେ ପରଲୋକ ଘଟିଛି। ସେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ଜଣେ ଅତ୍ୟନ୍ତ ଭଦ୍ର, ନମ୍ର, ମିଷ୍ଟ ଭାଷୀ, ମେଳାପି, ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ଅକାଳ ବିୟୋଗରେ ବିଦ୍ୟୁତ୍ ବିଭାଗ ପାଟଣା ଯନ୍ତ୍ରୀ ଜ୍ୟୋତିରଞ୍ଜନ ମିଶ୍ର, ଲାଇନ୍ ମ୍ୟାନ ଲିଙ୍ଗରାଜଙ୍କ ସହ ସମସ୍ତ କର୍ମଚାରୀ ଶୋକ ପ୍ରକାଶ କରିଛନ୍ତି। ଡୁମୁରିଆ ବୈତରଣୀ ନଦୀକୂଳ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ୪ ବର୍ଷର ପୁଅ ଜଗା ମୁଖାଗ୍ନି ଦେଇଥିଲେ।

## ବ୍ଲକ୍‌ସ୍ତରୀୟ ଜନ ଶୁଣାଣି ଶିବିର

ଚମ୍ପୁଆ,୨୦।୨(ମହେଶ୍ୱର ଦାସ) ; କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ସଭାଗୃହଠାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ବ୍ଲକ୍‌ସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସମୀକ୍ଷା ଅବଧି ଅନୁଯାୟୀ ଶିବିରରେ ଡେପୁଟି କଲେକ୍ଟର ଦେବଦତ୍ତ ତ୍ରିପାଠୀ, ବିଏସ୍‌ଏ ଦେବୀପ୍ରସାଦ ମିଶ୍ର, ଜିଲା ସାମାଜିକ ସମୀକ୍ଷା ଅଧିକାରୀ ଚନ୍ଦନ ଅମୃତାୟନ ଆଇଚ, ଏପିଓ ସଙ୍ଗୀତା ମାଝି ପ୍ରମୁଖ ଯୋଗଦେଇଥିଲେ। ମାହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନୁସାରେ ଲୋକଙ୍କୁ ୯ ଗୋଟି ଅଧିକାର ବିଷୟରେ ଅବଗତ କରାଇବା ସହିତ ଗାଇଡ୍‌ଲାଇନ ଅନୁସାରେ ଗ୍ରାମୀଣ ପରିବାରକୁ ୧୦୦ ଦିନର କାମ ଯୋଗାଇବା, ତୃଣମୂଳସ୍ତରରେ ଗ୍ରାମୀଣକୁ ସ୍ୱାବଲମ୍ବୀ କରିବା, କାର୍ଯ୍ୟସ୍ଥଳରେ ଶ୍ରମିକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଶ୍ରାମସ୍ଥଳୀ, ପାନୀୟଜଳ ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା ଆଦି ରଖିବାକୁ ପରାମର୍ଶ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଡିଓ, ପିଇଓ, ସରପଞ୍ଚ ଓ ପଞ୍ଚାୟତ ସଭ୍ୟାସଭ୍ୟମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଗଜାଲା ସୁଲତାନା ପରିଚାଳନା କରିଥିଲେ।

# ପୂର୍ବତନ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ପାଟଣା,୨୦।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପ୍ରାକ୍ତନ ବିଦ୍ୟାଳୟର ଛାତ୍ର ଅବିନାଶ ସାହୁଙ୍କୁ ଭୂତତ୍ତ୍ୱ ବିଜ୍ଞାନରେ ଡକ୍ଟରେଟ ଉପାଧି ପ୍ରାପ୍ତ ନେଇ ଗୁରୁବାର ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ୨୦୦୮ରେ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ସମାପ୍ତ କରିଥିଲେ। ବର୍ତ୍ତମାନ ସର୍ବଭାରତୀୟ ଭୂତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ରାୟପୁରଠାରେ ଭୂତତ୍ତ୍ୱ ବିଜ୍ଞାନୀଭାବେ କାର୍ଯ୍ୟରତ। ସମ୍ବର୍ଦ୍ଧନା ଉତ୍ସବରେ ଦଧିବାମନ ଉଚ୍ଚ ମାଧ୍ୟମିକ କଲେଜର ପଦାର୍ଥ ବିଜ୍ଞାନର ଡେମୋନଷ୍ଟ୍ରେଟର ସୁଧାଂଶୁ ଶେଖର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଶତ୍ଥାମା ଗିରି, ସମ୍ମାନିତ ଅତିଥିଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କାର୍ଯ୍ୟକର୍ତ୍ତା ମୋତିରାମ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ, ବରିଷ୍ଠ ଆଚାର୍ଯ୍ୟ ଉତ୍ତମ ମହାନ୍ତ, ଗୋକୁଳ ଚନ୍ଦ୍ର ପାତ୍ର ପରିଚାଳନା କରିଥିଲେ।

## ଏପ୍ରିଲ ୧୧ରୁ ଚୈତ୍ର ପର୍ବ-୨୦୨୫

**ଛଉ ନୃତ୍ୟକୁ ଜାତୀୟ ଉତ୍ସବର ମାନ୍ୟତା ଦିଗରେ ଉଦ୍ୟମ କରାଯିବ: ଜିଲାପାଳ**



ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ।

ବାରିପଦା,୨୦।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ପ୍ରସିଦ୍ଧ ଚୈତ୍ର ପର୍ବ-୨୦୨୫ ପାଳନ ନିମନ୍ତେ ପ୍ରଶାସନ ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଚଳିତ ବର୍ଷ ଏପ୍ରିଲ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ବାରିପଦାସ୍ଥିତ ଛଉ ପଡ଼ିଆରେ ବିଶ୍ୱ ପ୍ରସିଦ୍ଧ ଛଉନୃତ୍ୟ ପରିବେଷଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରତିବର୍ଷ ଭଳି ୩ଦିନ ଯଥା ରୀତିରେ ଛଉ ନୃତ୍ୟ ଉତ୍ସବ ଅନୁଷ୍ଠିତ ହେବ ଓ ଏପ୍ରିଲ ୧୪ ତାରିଖରେ ବାହାର ରାଜ୍ୟମାନଙ୍କରୁ ବିଭିନ୍ନ ଛଉ ନୃତ୍ୟ ଦଳକୁ ଆମନ୍ତ୍ରଣ କରାଯାଇ ସେମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓରମାସ ପକ୍ଷରୁ ଛଉ ପଡିଆ ସଂଲଗ୍ନ କଲେଜ ପଡ଼ିଆଠାରେ ସମାନ୍ତରାଳ ଭାବେ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯିବ। ଉକ୍ତ ମେଳାରେ ପାଖାପାଖି ୧୫୦ଟି ବିଭିନ୍ନ ଷ୍ଟଲରେ ଘରୋଇ ଉଦ୍ୟୋଗୀମାନଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରୟ ସହିତ ବିଭିନ୍ନ ପ୍ରକାର ଖାଦ୍ୟଦ୍ରବ୍ୟରେ ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟ ଲୋକମାନଙ୍କ ପାଇଁ ବିକ୍ରୟ କରାଯିବ।

ପ୍ରତିଦିନ ସନ୍ଧ୍ୟାରେ ଜିଲା, ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ସାଂସ୍କୃତିକ ଦଳର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଜିଲାର ଐତିହ୍ୟ ସମ୍ପନ୍ନ ଛଉ ନୃତ୍ୟ ସାଂସ୍କୃତିକ ଉତ୍ସବର ପ୍ରଥମ ଦିବସରେ ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡ ଅଞ୍ଚଳରୁ ଯୋଗ୍ୟ ବିବେଚିତ ଗ୍ରାମାଞ୍ଚଳ ଛଉ ନୃତ୍ୟ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ଉତ୍ସବର ଦ୍ୱିତୀୟ ଏବଂ ତୃତୀୟ ଦିବସରେ ବାରିପଦାର ପ୍ରସିଦ୍ଧ ପାରମ୍ପରିକ ଛଉ ନୃତ୍ୟ ପ୍ରତିଷ୍ଠାନ ଯଥା ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ ପ୍ରତିଷ୍ଠାନ କଳାକାରମାନଙ୍କ ଦ୍ୱାରା ଯଥାରୀତି ନୃତ୍ୟ ପରିବେଷଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଛଉ ନୃତ୍ୟ ଉତ୍ସବକୁ ଜାତୀୟସ୍ତରରେ କିପରି ଅଧିକ ଲୋକାଭିମୁଖୀ କରି ହେବ ଏବଂ ଏହା କିପରି ଜାତୀୟ ଉତ୍ସବର ମାନ୍ୟତା ପାଇବ ସେ ଦିଗରେ ପ୍ରଶାସନିକ ସ୍ତରରେ ଉଦ୍ୟମ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଏଥି ସହ ଏକ ସ୍ମରଣିକା ପ୍ରକାଶନ ପାଇଁ ମଧ ନିଷ୍ପତ୍ତି ନିଆଯାଇଛି। ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ କର୍ଣ୍ଣଭା ଶୋର ଆୟୋଜନ କରାଯିବା ନେଇ ପ୍ରସ୍ତାବ ରଖାଯାଇଛି। ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୌତମ କିଶାନ, ବାରିପଦା ଉପଜିଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ଜିଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଓରମାସର କର୍ମକର୍ତ୍ତା ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ ନୃତ୍ୟ ପ୍ରତିଷ୍ଠାନର ସଭାପତି, ସମ୍ପାଦକ, ସଭ୍ୟା ସଭ୍ୟମାନେ ଯୋଗ ଦେଇଥିଲେ।

# କେନ୍ଦୁଝରରେ କୁଆପଥର ବର୍ଷା



କୁଆପଥର ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଫସଲ।

କେନ୍ଦୁଝର,୨୦।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ପ୍ରବଳ ଘଡ଼ଘଡ଼ି ସହ କୁଆପଥର ବର୍ଷା ହୋଇଛି। ଫଳରେ କିଛିଦିନ ହେବ ଅନୁଭୂତ ଗ୍ରୀଷ୍ମ ପ୍ରଭାବରୁ ଆଶ୍ୱସ୍ତି ମିଳିଥିଲେ ହେଁ ବର୍ଷା ଓ କୁଆପଥର ମାଡ଼ରେ ବ୍ୟାପକ ପନିପରିବା ଫସଲ ନଷ୍ଟହୋଇଛି। ହଠାତ୍ ବର୍ଷା ଯୋଗୁ ସାଧାରଣ ଜନଜୀବନ ପ୍ରଭାବିତ ହୋଇଛି। ପନିପରିବା କ୍ଷେତରେ କୁଆପଥର ବିଛାଡ଼ିହୋଇ ପଡ଼ିଥିବା ଦେଖିବାକୁମିଳିଥିଲା।

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ପୂର୍ବାନୁମାନ ଅନୁଯାୟୀ, ଜିଲାରେ ଘଡ଼ଘଡ଼ି ସହ ବର୍ଷା ହୋଇଛି। କୁଆପଥର ବର୍ଷା ଯୋଗୁ ସଦର, ଝୁମ୍ପୁରା ବ୍ଲକ୍ ଅଞ୍ଚଳରେ କୋବି, ଟମାଟୋ, ବାଇଗଣ ଆଦି ପନିପରିବା ଫସଲ ନଷ୍ଟ ହୋଇଯାଇଛି। ପନିପରିବା କ୍ଷେତରେ ବର୍ଷା ପାଣି ଜମି ରହିଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଫଳରେ ବହୁ ଖର୍ଚ୍ଚାନ୍ତ ହୋଇ ଏବଂ ପରିଶ୍ରମକରି ପନିପରିବା ଚାଷ କରିଥିବା ଗରିବ ଚାଷୀମାନେ ମୁଣ୍ଡରେ ହାତ ଦେଇଛନ୍ତି। ବର୍ଷା ଯୋଗୁ ଜିଲା ସଦର ମହକୁମା ସମେତ ଯୋଡ଼ା ଖଣି ଅଞ୍ଚଳରେ ଧୂଳି ପ୍ରଦୂଷଣ ଓ ଗରମରୁ କିଛିମାତ୍ରାରେ ଆଶ୍ୱସ୍ତି ମିଳିଛି। ସଦର ବ୍ଲକ୍‌ର ଚାଷୀ ମଦନ ନାଏକ କହିଛନ୍ତି, କଠିନ ପରିଶ୍ରମ କରିଥିଲୁ। ଏଭଳି ବର୍ଷା ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ସରକାର ସାହାଯ୍ୟ କରିବା ଉଚିତ ବୋଲି ସେ କହିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ପର୍ଶୁରାମ ବେହେରା କହିଛନ୍ତି, ଏହି ବର୍ଷା ଚାଷରେ ସହାୟକ ହେବ। ଏ ପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତି ଅଭିଯୋଗ ଆସିନାହିଁ।

## ଝଡ଼ବର୍ଷାରେ ତୋରଣ ଭାଙ୍ଗିଲା

ଡେଙ୍କିକୋଟ,୨୦।୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଡେଙ୍କିକୋଟଠାରେ ଗୁରୁବାର ଅର୍ଦ୍ଧିଆ ଝଡ଼ବର୍ଷା ହୋଇଛି। ଅପରାହ୍ନ ସାଢେ ଗୋଟେ ବେଳେ ହଠାତ କଳାହାଣ୍ଡିଆ ବର୍ଷା ମାଡ଼ିଆସିବା ସାଙ୍ଗକୁ ୭୦ ରୁ ୮୦ କି.ମି ବେଗ୍‌ରେ ପବନ ବୋହିଥିଲା। ଫଳରେ ଜନସାଧାରଣଙ୍କ ବିଭିନ୍ନ ଆସବାବପତ୍ର ଉଡ଼ାଇ ନେବା ସହ ଡେଙ୍କିକୋଟ ବଜାରରେ ବିଭିନ୍ନ ସ୍ଥାନରେ ଲାଗିଥିବା ବିଭିନ୍ନ ନେତା, ସାମାଜିକ କର୍ମୀଙ୍କ ନୂତନବର୍ଷ ଓ ମକରସଂକ୍ରାନ୍ତି ଲାଗି ଲାଗିଥିବା ଶୁଭେଚ୍ଛର ବାର୍ତ୍ତା ତୋରଣ ଓ ଗେଟ ଭାଙ୍ଗି ରାସ୍ତା ଉପରେ ପଡ଼ିଥିଲା। ଫଳରେ ଜନସାଧାରଣ ଏବଂ ଯାନବାହନ ଯିବା ଆସିବାରେ ବାଧା ସୃଷ୍ଟି ହୋଇଥିଲା। ଡେଙ୍କିକୋଟ ପୌରାଣିକ ପର୍ଯ୍ୟଟନସ୍ଥଳି ବାରହାଟିପୁରା ରାସ୍ତାରେ ପଡିଥିବା ଏକ ଅଭିନନ୍ଦନ ତୋରଣକୁ ଉଠାଇ ପରିଷ୍କାର କରିବା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା।



ଭାଙ୍ଗିଯାଇଥିବା ତୋରଣ।

